ସିଦ୍ଧାର୍ଥ ନିରୁତ୍ତର ରହିବା ଦେଖି ରଶ୍ମି ରଞ୍ଜନ କହିଲେ,"ଆପଣ ମୋ କଥା କୁ ମିଛ ଭାବିପାରନ୍ତି।
ମାତ୍ର ବାସ୍ତବରେ ମୋତେ ଖୁବ୍ ଖରାପ ଲାଗୁଛି ।ସତ କହିବାକୁ ଗଲେ ନବାରୁଣଙ୍କ ପରି "ପ୍ରତିଭାବାନ୍" ସହକର୍ମୀ ମୁଁ ମୋ ଜୀବନରେ ଖୁବ୍ କମ୍ ଦେଖିଛି।

ସିଦ୍ଧାର୍ଥ କାନ ଯୋଡିକୁ ବିଶ୍ୱାସ କରିପାରୁନଥିଲା।ଯେଉଁ ରଶ୍ମି ରଞ୍ଜନ ନବାରୁଣ ସମ୍ପର୍କରେ ବରାବର ଖରାପ କଥା କହିବାକୁ ଭୁଲୁ ନଥିଲେ ସିଏ କହୁଥିଲେ ଏଇ କଥା? ନବାରୁଣ ଏକଦା ବସୁଥିବା ଚଉକି ଦିଗରୁ ଆଖି ଫେରେଇ ଆଣି ସିଦ୍ଧାର୍ଥ ରଶ୍ମି ରଞ୍ଜନଙ୍କୁ ଚାହିଁଲା,ମାତ୍ର କିଛି କହିଲା ନାହିଁ । ଏପର୍ଯ୍ୟନ୍ତ ତ'ର ବିଶ୍ୱାସ ହେଉ ନଥିଲା କି ଯେ ଭଦ୍ରଲୋକ ପ୍ରକୃତରେ ସତ କହୁଥିଲେ ନା କେବଳ ତା'ମନରଖିବା ପାଇଁ ଏମିତି କହୁଥିଲେ।

ରଶ୍ମି ରଞ୍ଜନ ସମ୍ଭବତଃ ସିଦ୍ଧାର୍ଥର ମନର ଭାଷାକୁ ପଢି ସାରିଥିଲେ।ସେ କହିଲେ,"ମୁଁ ଆସୁଛି ସିଦ୍ଧାର୍ଥ ବାବୁ;ମାତ୍ର ମୋ କଥାକୁ ଆପଣଙ୍କୁ ବିଶ୍ୱାସ କରିବା ପାଇଁ ପଡିବ।ଯାହାଙ୍କୁ ଏକଥା କହିପାରିଥିଲେ ମୋତେ ଭଲ ଲାଗିଥାଆନ୍ତା ସିଏ ତ ନାହାନ୍ତି,ତାଙ୍କର ଅନ୍ତରଙ୍ଗ ବନ୍ଧୁ ଭାବେ ଆପଣଙ୍କୁ କହିଦେଇ ମୁଁ ନିଜକୁ ହାଲୁକା ମଣୁଛି।"
ଏ ଘଟଣା ଦିନ ବାରଟାବେଳର । ସିଦ୍ଧାର୍ଥ ଡାକ୍ତର ସେନାପତିଙ୍କ କ୍ଲିନିକ୍ ରେ ବସି କଥା ହେଉଥିଲେ। ରାତି ଆଠ ଟା ବାଜିବ।

ଡାକ୍ତର ସେନାପତି ବୁଝାଉଥିଲେ,"ପ୍ରତ୍ୟେକ ମଣିଷ ଜଣେ ନାର୍ସିସସ୍। ଗ୍ରୀକ୍ ପୁରାଣର ଯୁବରାଜ ନାର୍ସିସସ୍ ନିଜକୁ ଏତେ ଭଲ ପାଉଥିଲେ ଯେ ପୁଷ୍କରିଣୀ ଜଳରେ ନିଜ ମୁହଁର ପ୍ରତିବିମ୍ବକୁ ଘଣ୍ଟା ଘଣ୍ଟା ଧରି ନିରୀକ୍ଷଣ କରି ରହୁଥିଲେ। ତାଙ୍କରି ନାମ ଅନୁସାରେ ନାର୍ସିସିଜମ୍ ବ୍ୟାଧିର ନାମକରଣ,ଯେଉଁ ବ୍ୟାଧିରେ ପୀଡିତ ବ୍ୟକ୍ତିମାନଙ୍କୁ ଆମେ ନାର୍ସିସିଷ୍ଟ ବା ଆତ୍ମକାମୀ ବୋଲି କହିଥାଉ।ଏଭଳି ଲୋକ ମାନଙ୍କର ଚରିତ୍ର ଅଦ୍ଭୁତ ପ୍ରକାରର ।
ବେଳେ ବେଳେ ଅନ୍ୟର ସଫଳତା କୁ ନିଜର ବିଫଳତା ବୋଲି ବିଚାରି ସେମାନେ ଉଗ୍ର ହୋଇ ପଡନ୍ତି। ଆମ ସମସ୍ତଙ୍କ ଭିତରେ ସେହି ସ୍ୱଭାବ ରହିଛି ,ମାତ୍ର ଜଣେ ଜଣେ ଭୟଙ୍କର ଆତ୍ମକାମୀ ହୋଇ ପଡିଥାନ୍ତି।ପିଲାଦିନେ ବାପା କି ମାଆ ସ୍ନେହରୁ ବଞ୍ଚିତ ବ୍ୟକ୍ତିମାନଙ୍କ କ୍ଷେତ୍ର ରେ ଏ ବ୍ୟାଧି ଉତ୍କଟ।ସେହିପରି ସ୍କୁଲ ସହପାଠୀଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ପିଲାଟି ବଡ ହେଲେ ଏହି ରୋଗର ଶିକାର ହୋଇପଡେ।ଏଭଳି ଲୋକବାହାରକୁ ସହଜ ଓ ସ୍ୱାଭାବିକ ଦିଶୁଥିଲେ ମଧ ଭିତରେ ଭିତରେ ଅସହିଷ୍ଣୁ,ଈର୍ଷାପରାୟଣ ଏବଂ ପରଶ୍ରୀକାତର।
ତା ଙ୍କ ଦୃଷ୍ଟିରେ ଯିଏ ପ୍ରତିଦ୍ୱନ୍ଦୀ ସେଭଳି ବ୍ୟକ୍ତି କୁ ସିଏ ନିଜର ବିଦ୍ୟା,ବୁଦ୍ଧି,ସାମର୍ଥ୍ୟ ସବୁ ଜୁଟେଇ ବିରୋଧ କରନ୍ତି।କବିମାନେ ଲେଖିଛନ୍ତି ଚନ୍ଦ୍ରମା ବି ତାରାମାନଙ୍କୁ ଈର୍ଷା କରେ।ରଶ୍ମି ରଞ୍ଜନ ତ ସାଧାରଣ ରକ୍ତମାଂସର ମଣିଷ।

ମାତ୍ର ହଠାତ୍ ଭଦ୍ରଲୋକ ନବାରୁଣଙ୍କୁ ପ୍ରଶଂସା କରିବସିବାର କାରଣଟି ମୁଁ ବୁଝିପାରୁନାହିଁ।ସିଦ୍ଧାର୍ଥ ପଚାରିଲା।:ମୃତ୍ୟୁ । ନବାରୁଣର ମୃତ୍ୟୁ ହିଁ ଏହାର କାରଣ।ମଲା ମାଛଟି ଆଉ ଜୀବିତ ମାଛଙ୍କ ସହ ନଈର ପାଣି ଦଖଲ କରିପାରିବ ନାହିଁ ,ଏହି ଆଶ୍ୱସ୍ତି ଆତ୍ମକାମୀମାନଙ୍କୁ ସହାନୁଭୂତିଶୀଳ କରିଦିଏ।ସାଧାରଣତଃ ଜୀବିତ ଲୋକ ମାନଙ୍କୁ ଆଦୌ ପ୍ରଶଂସା କରୁନଥିବା ଲୋକମାନେ ହିଁ ମୃତ ଲୋକଙ୍କୁ ଅଧିକ ପ୍ରଶଂସା କରନ୍ତି।
ମରିଯାଇଥିବା ଲୋକ କୌଣସି କ୍ଷେତ୍ରରେ ଆଉ ତାଙ୍କର ପ୍ରତିଦ୍ୱନ୍ଦୀ ନୁହେଁ ସେଇ ଉପଲବ୍ଧି ସେମାନଙ୍କୁ ଭିତରେ ଭିତରେ ସେମାନଙ୍କୁ ପ୍ରଚୁର ଆନନ୍ଦଦିଏ।ଏ ପ୍ରକାର ପ୍ରଶଂସା ସେହି ଆନନ୍ଦର କିଞ୍ଚିତ୍ ପ୍ରତିଫଳନ।
ସିଦ୍ଧାର୍ଥ ଡାକ୍ତର ସେନାପତିଙ୍କ କଥା କିଛି କିଛି ବୁଝିପାରୁଥିଲା।ଡାକ୍ତର ସେନାପତି ହସି ହସି କହିଲେ,"ମଣିଷ ବଡ ମାୟାବୀ ଜୀବ।ତାକୁ ବୁଝିବା ସହଜ ନୁହେଁ।"

ହୁଁ- ଛୋଟିଆ ସଂକ୍ଷିପ୍ତ ଉତ୍ତର ଟିଏ ଦେଲା ସିଦ୍ଧାର୍ଥ ।
ଡାକ୍ତର ସେନାପତି ପୁଣି କହିଲେ,"ମଣିଷର ଧର୍ମ ତେଣୁ ହେବା ଉଚିତ,ଯେତେବେଳେ ଯାହାର କାମ ପସନ୍ଦ ଆସୁଛି କି ତା'ର କୌଣସି ଗୁଣ ଭଲ ଲାଗୁଛି ସାଙ୍ଗେ ସାଙ୍ଗେ ତାକୁ ସେକଥା ଜଣାଇଦେବା।
ସେଇ ପଦକ କହିବା ଲାଗି ଲୋକର ମୃତ୍ୟୁ ଯାଏଁ ଆପେକ୍ଷା କରିବା ଅନୁଚିତ।ବଞ୍ଚିଥିବା ବେଳେ ପଦୁଟେ ପ୍ରଶଂସା ମଣିଷକୁ ଯେଉଁ ଉତ୍ସାହ ଦିଏ,ମଲା ପରେ ଦୀର୍ଘ ଶ୍ରଦ୍ଧାଞ୍ଜଳି ତାହା ଦେଇପାରେ ନାହିଁ ।
ତେଣୁ ଆପଣଙ୍କର ଯାହାକୁ ପ୍ରଶଂସାକରିବାକୁ ମନ କହୁଛି -ସିଏ ଶିକ୍ଷକ,ଛାତ୍ର,ପତ୍ନୀ,ପୁତ୍ର-କନ୍ୟା,ସହଯୋଗୀ କିମ୍ବା ଯିଏ କେହୁ ହୁଅନ୍ତୁ,ତାକୁ କାଲି ନୁହେଁ,ଆଜି ହିଁ ପ୍ରଶଂସା କରନ୍ତୁ।
କିଏ ଜାଣେ ,ଆସନ୍ତାକାଲି ଉଭୟଙ୍କ ଲାଗି ଅନେକ ବିଳମ୍ବ ହୋଇଯାଇପାରେ!"



Gourahari Das is a creative writer, journalist and an academician. A recipient of Sahitya Akademi Award,he is editor and columnist also. His first book “ Juara Bhatta” which is a collection of short stories, was published in 1981 when he was still pursuing his studies in Ravenshaw Evening College. Besides writing fictions he also writes regular columns in newspaper SAMBAD which are very popular. He is associated with a number of socio-cultural organizations of Odisha which work for betterment of human life and building better society. He is the President of Shatabdira Kalajkar, a leading Theatre Group of Odisha and Advisor of Trishakti Mahila Samiti, a prominent Women's organization



# ବର୍ଷାଭିମାନ

**by Soumya saraswata Das**

ବର୍ଷା ସହ ବାଦ କଣ?
ତାର ତ ବର୍ଷିବାର ହିଁ ଅଛି!

ବର୍ଷା ପାଇଁ ଦ୍ୱେଷ ନାହିଁ,
କେଜାଣି କାହିଁକି ଯାହା
ଛାତି ଦେଇ ତରଳି ପଡୁଛି ଈର୍ଷ୍ୟାରୁ
ମେଞ୍ଚାଏ...

ସିଏ ସେହି ରଙ୍ଗ ଧୁଏ,
ଯାହା ହଳେ ପାଦରେ ଆଙ୍କି ହୋଇ,
ଡେଇଁ ପାରିନି ମୋ ଘର
ଦର୍ଜା କି ଏରୁଣ୍ଡି ବନ୍ଧକୁ,

ତାର ଭିଜିଲା ସ୍ପର୍ଶରେ କେଉଁଠି ଲୁଚେଇଦିଏ,
ଓଦା ଓଦା ପ୍ରେମର କୁଙ୍କୁମ?
ଆଖିରେ ଲାଜ ବାନ୍ଧୁଥିବା ସଫେଦ୍ ଟିକିଲି,
ପତ୍ରରେ ଲଟକିଥିବା ବୁନ୍ଦାପରି ଢଳଢଳ,
ଚକମକ୍,
ଯିଏ ମୋର ଦର୍ପଣ ଛୁଇଁନି...

କାହା ଅନୁମତିରେ
ପୋଛିନିଏ ଅକ୍ଷତ ଶୃଙ୍ଗାର,
ଥରଥର ସରମରେ ଭିଜା,
ଓଠର ଉଷୁମ୍ ରଙ୍ଗ,
ଆଉ ମୋର ଚିବୁକ ସାଥେ
ଧିରେଧିରେ ଅଥର୍ବ ପାଲଟିଯାଏ
ଏକାକୀ ବିଶି ଆଙ୍ଗୁଠି...

ଅଥଚ ବର୍ଷା ପ୍ରତି ମାନ ନାହିଁ,
ରଙ୍ଗପାଦ ଓଦା ହେଲେ,
ଭିଜିଗଲେ ରଞ୍ଜିତା ଓଠ ଓ ଭ୍ରୁଲତା,
ମୋର ଓଠକୁ, ଆଖିକୁ, ଛାତିକୁ
ଗୋଟାଏ ବାସ୍ନା ଛୁଇଁଯାଏ,
ମୁଁ ବି ବର୍ଷା ହେଇଯାଏ...

Soumya saraswata Dash,
ଇନ୍ଫୋସିସରେ ଇଂଜିନିୟର ।ସ୍ନେହ, ପ୍ରେମ,
ଘୃଣା, ଅବସୋସ, ସାମ୍ପ୍ରତିକ ପରିସ୍ଥିତି ଓ
କିଛି ଅନୁଭୂତିର ନିଗିଡ଼ା ସ୍ୟାହି କୁ ଯଦି
କୁହାଯାଏ କବିତା, ତେବେ ମୁଁ କବିତା
ଲେଖୁଥାଇପାରେ ।କବିତାରେ କିଛି
କହିବାକୁ ଚାହେଁନି । କେବଳ ଏ ଶବ୍ଦକୁ ପଢ଼ି
ଯଦି କେହି ଖୁସି ହେଇପାରେ ଅଥବା
ଅନୁଭବି ପାରେ, ସେତିକି ହିଁ ଯଥେଷ୍ଟ ।

Soumya saraswata Das



# ଝଡ

ଡ଼. ବିନୋଦିନୀ ପାତ୍ର

ପ୍ରତିଥର ଗଛଙ୍କର ଡାଳପତ୍ର ଭାଂଗିପକାଏ ଝଡ,
ତା' ପରେ ଚାଲିଯାଏ କିଛି ବି  ଅନୁଶୋଚନା
ନକରି ବେଧଡକ
ସତେ କି ଉଗ୍ରପନ୍ଥୀ ନକ୍ସଲବାଦି|
ଫଳ ଫୁଲରେ ପୁଲକି ଉଠିଥିବା ଗଛ
ବାସ୍ନାରେ ବିଭୋର ପରିବେଶ
ନିଲମ୍ବିତ ରହିଯାଏ
କିଛିକାଳ ସ୍ତବ୍ଧ  ।
ପୁଣିଥରେ ଚେଇଁ ଉଠେ
ପାଇ ମାଟିର  ମଧୁର ସ୍ପର୍ଶ
ମେଲିଦିଏ କଅଁଳ ଡାଳପତ୍ର
ସଜେଇ ଯାଏ ରଙ୍ଗବେରଙ୍ଗ
ଫୁଲଫଳର ବର୍ଣ୍ଣାଢ୍ୟ ।
ଈର୍ଷାର ଅନ୍ୟନାମ ଝଡ
ଦାନ୍ତରଗଡେ  କଡ଼ଗଡ଼
ପୁଣି ଆସେ  ବର୍ଷେ
ରାଗେ ଭାଙ୍ଗେ ଓ ଚାଲିଯାଏ ।
ଗଛ ଦୁଃଖ ପାଏ
ନିଜ କର୍ତବ୍ୟ କିନ୍ତୁ ଭୁଲି ନଥାଏ
ଜଗତକୁ ଖାଦ୍ୟ ପାନୀୟ
ଯୋଗେଇବା ତ ତାର ଧର୍ମ
ସେଇଥି ପାଇଁ ତାର ଜନ୍ମ ।
ମଣିଷ ତାକୁ ବଢ଼ାଏ  ବୁଢ଼ାଏ
ପାଳେ ପୋଷେ ଓ ଭୋଗେ
ଏହା ହିଁ ବୃକ୍ଷର ପ୍ରାରବ୍ଧ ।
ଝଡ ଏକ ତୃତୀୟ ପୁରୁଷ  କୀଟ ଲମ୍ପଟ
ସୃଜେ ଆତଙ୍କ ସାଜେ ପଳାତକ
ତାର କେଉଁ ମର୍ଯ୍ୟାଦା ଥାଏ
ନା କେହି କି ତାକୁ ଭଲ ପାଏ।



ସୁଲେଖିକା ଅଧାପିକା ଡ଼କ୍ଟର ବିନୋଦିନୀ ପାତ୍ର ଓଡ଼ିଆ ସାହିତ୍ୟ ଜଗତର  ଏକ ପରିଚିତ ନାମ ।ଗଳ୍ପ କବିତା ଶିଶୁ ସାହିତ୍ୟ ,ଅନୁବାଦ ସାହିତ୍ୟ  ପରି ବହୁ ବିଭାଗରେ ତାଙ୍କ ଲେଖନୀ ଚଳଚଞ୍ଚଳ ଅଟେ ,ବିଭିନ୍ନ ବିଭାଗର ଲେଖା ଗୁଡିକୁ ପାଠକ ଆଦୃତି ମିଳିବ ସହ ନିଜର ସ୍ୱତନ୍ତ୍ର  ସ୍ୱାକ୍ଷର ସୃଷ୍ଟି କରିପାରିଛି ସାହିତ୍ୟ ଆକାଶରେ |ଏହି ସର୍ଜନା ପାଇଁ ସେ ବିଭିନ୍ନ ସ୍ଥାନରୁ ପୁରସ୍କୃତ ଏବଂ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।



Rashmi Ranjan mishra

# ଏଇ କଣ ଜୀବନ...?

**by Rashmi Ranjan Mishra**

ଜୀବନଟା ଗୋଟେ ପ୍ରତାରଣାର ଅଧ୍ୟାୟ ପରି,
କିଛିବି ନୁହେଁ ଏଠି ସ୍ୱଷ୍ଟ ।
ବିଭୀଷିକା ଲାଗେ, ଛଳନାର ପ୍ରତିଟି ମୁହୂର୍ତ୍ତ,
ଅଦୃଶ୍ୟ ଆଉ ଅସ୍ୱଷ୍ଟ ।

ପ୍ରେମ ଆଉ ସ୍ୱାର୍ଥ ର ପରିଚୟ କୁ ଖୋଜିଲେ ଯେତେବି
ମିଳେ ଖାଲି କୁହୁଡିର ଆଲିଙ୍ଗନ-ଆଉ ଶୂନ୍ୟ ଗଗନ.।
ନା... !
ଏ ସବୁ ମିଛ
ମୁଁ ପ୍ରେମିକ ସେଇ ପ୍ରେମ ଆଉ ସ୍ୱାର୍ଥର ବୋଲି ଅହମିକାର
ଗୋଟେ ଖିଅ –
ପୁଣି ହାତ ଧରି ଟାଣି ନିଏ ସେଇ କୁହୁଡି ଭିତରେ
ହଜିବାକୁ
ବାଧ୍ୟ କରେ, ପ୍ରେରଣା ଦିଏ, ସାନ୍ତ୍ୱନା ଦିଏ
କାହିଁକି କେଜାଣି.. କଣ ତାର ଉଦ୍ଦେଶ୍ୟ...?
ଏଇ ଅଧ୍ୟାୟର କଣ ନାହିଁ କିଛି ଅନ୍ତ...?
ନିରୋଳା ରେ ପୁଣି ମନେ ପଡ଼ିଯାଏ କେବେ - କେବେ,
ଦୋହଲି ଯାଏ ପାଦ ତଳ ଭୂଇଁ
କ୍ଷଣକ ପାଇଁ,
ଆଉ ବୋହି ଯାଏ
ନୟନରୁ ଗଙ୍ଗା ।
ପୁଣି ବାଷ୍ପୀଭୂତ ହୋଇ ଅଦୃଶ୍ୟ ରୂପ ନେଇ ଫେରି ଆସେ
ପୁଣି ଥରେ ବୋହିବା ପାଇଁ ସେଇ ନୟନରୁ
ଯାହାକୁ ପ୍ରତାରିତ କରି ବୋହି ଯାଇଥାଏ ।
ଏଇ କଣ ଜୀବନ..?
କେବଳ ବଞ୍ଚିବାର ମାନେ କଣ ଜୀବନ..?
ନା ଏଇ ପ୍ରତାରଣା ଆଉ ପ୍ରେମର ଅଧ୍ୟାୟକୁ ବାରମ୍ବାର
ପଢ଼ିବାର ମାନେ ହୁଏ ଜୀବନ...?!!!



# ପ୍ରେମେ ପଡିଗଲେ ଯାହା ଯାହା ହୁଏ

**by Gyana Hota**

ବାଟରେ ପଡିଲେ ଘାଟରେ ପଡିଲେ
ଗୋଡ ହାତ ସିନା ଦରଜ ହୁଏ.
ପ୍ରେମେ ପଡିଗଲେ ଯାହା ଯାହା ହୁଏ
କହିବାଟା  ଏଡ଼େ ସହଜ ନୁହେଁ ।
କେ କହେ ଅଜବ ଚିଜ ଏ ପ୍ରେମ
କେ କହେ ସେ ଖାଲି ମନର ଭ୍ରମ ।
କେ କହେ ଦିହକୁ ଦଉଛି ଜାଳି
କେ କହେ ପୀୟୂଷ ଦେଉଛି ଢାଳି,
କେ କହେ କଠିନ କେ କହେ ନରମ
କିଏ କହେ ଥଣ୍ଡା କେ କହେ ଗରମ ।
କେ କହେ ଶାନ୍ତ ଶୀତଳ ଚନ୍ଦ୍ର ତ,
କେ ପୁଣି ତତଲା ସୁରୁଜ କହେ,
ପ୍ରେମେ ପଡିଗଲେ ଯାହା ଯାହା ହୁଏ
କହିବା ଟା  ଏଡ଼େ ସହଜ ନୁହେଁ ।
କିଏ ସେ ଆଙ୍କିଲେ ପ୍ରେମର ଚିହ୍ନ
ନାଲି ହଳଦିଆ ଶାଗୁଆ ପାନ ।
ଆସିଗଲେ ପୁଣି ଭାଲେଣ୍ଟାଇନ ଡେ
ଗଗନରେ ପାନ ପତର ଉଡେ ।
ଖାଲି ପତରରେ ଏଡିକି ନିଶା
ନ ଥାଇ ଗୁଣ୍ଡି କି ଜରଦା ମିଶା ।
କିଏ କହେ ତାକୁ କଡା ମସଲା ତ
କିଏ ପୁଣି ପାନ ବରଜ କୁହେ ।

ପ୍ରେମେ ପଡିଗଲେ ଯାହା ଯାହା ହୁଏ
ଛାତି ତଳେ ଯଦି  ଡିଙ୍ଗ ଡଙ୍ଗ
କାହିଁକି ଦୁବାଇ କାହିଁ ହଂକଂ ।
ଏ ଯୁଗର ପ୍ରେମୀ କେଡେ ଅଭାଗା
ଛାତି ଥାଉ ଥାଉ ଖୋଜୁଛି ଜାଗା ।
ପ୍ରେମ ଜାଗା ଖୋଜେ ବୁଲି ବୁଲିକା
କିଏ ଧାଏଁ ପୁରୀ କିଏ ଚିଲିକା ।
ବଟିକା କାନନ ଯିବାକୁ ଉଛନ
କିଏ ଯୋବ୍ରା କିଏ ନରାଜ ଧାଏଁ
ପ୍ରେମେ ପଡିଗଲେ ଯାହା ଯାହା ହୁଏ,
କହିବାଟା ଏଡ଼େ ସହଜ ନୁହେଁ ।
ସତରେ ପ୍ରେମ ତ ବଡ ବିଚିତ୍ର
ନା ପଥର ମୂର୍ତ୍ତି ନ ବାଲୁକା ଚିତ୍ର,
ଲିଭିଯିବ କି ସେ ଥରେ ଆଙ୍କିଲେ,
ଭୁଲିହବ କି ସେ ଯେତେ ଫାଙ୍କିଲେ ।
ଲିଭିଯାଏ ପୁଣି ଅଟେ ଅଲିଭା
ବାହାରେ ହଜିଲେ ଭିତରେ ଉଭା,
ମାର୍ବଲେ   ଚିତ୍ରିତ ଛବି ନୁହେଁ ସେତ
କାର୍ତ୍ତିକ  ପୁନେଇଁ ସୁରୁଜ ନୁହେଁ,
ପ୍ରେମେ ପଡିଗଲେ ଯାହା ଯାହା ହୁଏ
ତାହା କହିବାଟା ସହଜ ନୁହେଁ





ହସ ଆକାଶର ଗଜ ମୁକୁତା ଜ୍ଞାନ ହୋତା ,ସୁପ୍ରସିଦ୍ଧ କବି ,ଲେଖକ ସ୍ତମ୍ଭକାର  ଓ ଅଭିନେତା  |ବହୁ ସ୍ୱୀକୃତି ,ସମ୍ମାନ ଓ ଉପାଧିରେ ବିଭୁଷିତ ତାଙ୍କ ଲୋକପ୍ରିୟତା ପାଇଁ |ନ ହସିଲେ ବିଦ୍ୟା ରାଣ(ତରଙ୍ଗ ମ୍ୟୁଜିକ ),ଦି ଗ୍ରେଟ ଓଡିଶା ପଲିଟିକାଲ ସର୍କସ (ଓ ଟିଭି ),ଚା ଓ ଚୁଗୁଲି(ତରଙ୍ଗ) ପରି ବହୁ ଚର୍ଚ୍ଚିତ କାର୍ଯ୍ୟକ୍ରମରେ ସେ ସଂପାଦନା କରି ଆସିଛନ୍ତି ,'ବ୍ୟଙ୍ଗ ଦରବାର' ପରି ମାସିକ ହାସ୍ୟବ୍ୟଙ୍ଗ ପତ୍ରିକାର ସଂପାଦନା ଦାୟିତ୍ୱରେ ସେ ଅଛନ୍ତି |


|| SUBHYOG® ||
COMPREHENSIVE SOLUTION TO ALL YOUR PUJA CENTRIC RITUALS AND EVENT PLANNING NEEDS.
WE COVER FOLLOWING EVENTS
* GRIHA PRAVESH
* SATYANARAYAN PUJA
* RUDRABHISHEK PUJA
* GRAHASHANTI PUJA
* OFFICE/SHOP PUJA
* VASTU PUJA
*All other pujas
OUR OFFERINGS
PANDIT I PUJA SAMAGRI I DECORATION
FOOD CATERING I PRASAD I PHOTOGRAPHY
151, GANGA NAGAR, BHUBANESWAR, 751001
8280 94 84 74


SWARGADWARA®.COM
count on us when every moment counts
Morturay van & Freezer
Barshik Shraadh
Dasaaha/Ekadasa Karma
Asthi Visarjan
Van & Freezer - Funeral support - Pandit - Barber - Washerman
Karma Samagri - Brahman bhojan - Abadhaa/Mahaprasad - Pushkar Karma
Sankirtan - Obituary - Prayer meet - Tutha arrangement - Tent & Catering
9090 47 0679
BHUBANESWAR
CUTTACK
PURI
ROURKELA
BERHAMPUR
BALASORE

# ନା ବାବା ..ଆଜି ନୁହେଁ କାଲି

**by Subrata Swain**



ନା ବାବା ..ଆଜି ନୁହେଁ କାଲି
ତୁମେ ମୋତେ ସପନ ମାଗିଲ
ମୁଁ ଜୀବନଟା ଦେଲି
ତୁମେ ମୋତେ ସିନ୍ଦୁର ମାଗିଲ
ମୁଁ ସାତରଙ୍ଗ ଦେଲି ।
ଅଥଚ ...
ମୁଁ ଯେବେ ପୀରତି ଖୋଜିଲି
ତୁମେ କୁହ.. ନା ବାବା.. ଆଜି ନୁହେଁ କାଲି ।
ତୁମେ ମୋତେ ଫୁଲ ଟେ ମାଗିଲ
ମୁଁ ଫଗୁଣ ଆଣିଲି
ତୁମେ ମୋତେ କଜଳ ମାଗିଲ
ମୁଁ ବାଦଲକୁ ଦେଲି ।
ଅଥଚ ...
ମୁଁ ଯେବେ କବରୀ ଛୁଁଇଲି
ତୁମେ କୁହ ..ନା ବାବା..ଆଜି ନୁହେଁ କାଲି ।
ତୁମେ ମୋତେ ଅଳତା ମାଗିଲ
ମୁଁ ଅସ୍ତରାଗ ଦେଲି
ତୁମେ ମୋତେ ଚନ୍ଦନ  ମାଗିଲ
ମୁଁ ଚାନ୍ଦିନୀକୁ ଦେଲି ।
ଅଥଚ ...
ମୁଁ ଯେବେ ଚୁମାଟେ ଚାହିଁଲି
ତୁମେ କୁହ ..ନା ବାବା..ଆଜି ନୁହେଁ କାଲି ।
ତୁମେ ଗୋଟେ ମନ ଖୋଜୁଥିଲ
ମୁଁ ହୃଦୟଟା ଦେଲି
ତୁମେ ସ୍ନେହ  ମାଗିଥିଲ
ମୁଁ ପ୍ରେମ ହାଟ ନେଲି ।
ଅଥଚ...
ମୁଁ ଯେବେ ସବାରୀ ଆଣିଲି
ତୁମେ କୁହ ..ନା ବାବା..ଆଜି ନୁହେଁ କାଲି ।



ଓଡ଼ିଆ ସିନେମାର ରୋମାଣ୍ଟିକ ଗୀତିକାର କୁହାଯାଉଥିବା ସୁବ୍ରତଙ୍କ ଗୀତ ହିଁ ତାଙ୍କ ପରିଚୟ |ରାଜ୍ୟ ଚଳଚିତ୍ର ପୁରସ୍କାର ,ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡ ,ଓଡିଶା ଯୁବ ପୁରସ୍କାର ସହିତ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଛନ୍ତି |

# ସୀତା

**by Prasant kumar Nayak**

ସେ ନିର୍ମଳ ସେ ପବିତ୍ର - କମଳ ପରି କୋମଳ
ସେ ମହାକାଏ ତିନି ପୁର
ସେହିଁ ଜ୍ଞାନୀ ସେହିଁ ଗୁଣୀ - ସ୍ଥିର ମତୀ ତାର
ବଳ
କିଏ ସରି ହେବ ତାର ।
ଶିକ୍ଷାରେ ସେ ଅଗ୍ରଗଣ୍ୟ - ବୁଦ୍ଧିରେ ମୃଗ
ଚଞ୍ଚଳ
ଅଜ୍ଞାନୀକୁ ଦିଏ ଜ୍ଞାନ
ବାଣ୍ଟେ ସ୍ନେହ ସେ ମମତା - ନଦୀ ପରି ବହେ
ଜଳ
ସଭିଙ୍କୁ ଦେଇ ସନମାନ ।
ଜନ୍ମ ଯାହାର ମହାପୂଣ୍ୟ - କର୍ମ ଯାହାର
ଚିରସତ୍ୟ
ସେ ପ୍ରକୃତୀ ମାତାର ରୂପ
ଆଦର୍ଶ ସେ ଭୂମି କନ୍ୟା - ଅତିମହାନ ତାର
ଜୀବନ
ସ୍ପର୍ଶ ନକରେ କିଛି ପାପ ।

ଲାବଣ୍ୟ ରୂପୀ ସେ ନାରୀ - ରୂପ ଚନ୍ଦ୍ରମାକୁ
ଟପେ
ଖୋଜି ନପାଏ ଟିକେ ଦାଗ
ପରମ ଶକ୍ତିର ସ୍ୱରୂପ - ଦିବ୍ୟ ଯେ ତାଙ୍କ ରୂପ
ଜ୍ୟୋତି ମହାକାଏ ଚତୁର୍ଦିଗ ।

ପବିତ୍ର ମନର ପ୍ରେମ - ଏକାନ୍ତ ସତ୍ୟ ଚିରନ୍ତନ
ସଦା ଥାଏ ସେ କେନ୍ଦ୍ରିତ
ବିପଦ ହେଉ ବା ଆପଦ - ବିଚଳିତ ନୁହେଁ
କେବେ
ଧର୍ଯ୍ୟ ଓ ଶାନ୍ତିର ପ୍ରତୀକ ।

ପୁଷ୍ପ ପରି ସଦା ଚେତ - ସୂର୍ଯ୍ୟ ପରି ତାର
ତେଜ
ମଧୁର ଯେ କଣ୍ଠ ବାଣୀ
ସମ୍ପର୍କେ ଆସିଲେ ଧର୍ମ - ସେ ଦିବ୍ୟ ପୂଣ୍ୟ
ଆତ୍ମାର
ନୟନେ ଭରେ ଯେ ପାଣି ।

ସତ୍ୟ ଯେ ସେହିଁ ଶାଶ୍ୱତ - ସେ ଯେ ଈଶ୍ୱର
ଶକ୍ତି  ନେଇଥାଏ ରୂପ ଅନେକ
କନ୍ୟା ରୂପେ ଯେ ଭାଗ୍ୟ - ମିଥିଳେ ତ୍ରେତା
ଯୁଗେ ପାଇଥିଲେ ପିତା ଜନକ ।

ଅତି ଅଲିଅଳି ବାଲ୍ୟାବସ୍ଥା - ଜନକପୁରୀର
ଜୀବନ ପ୍ରତିଗୃହେ କନ୍ୟାହୋଇ
ଜନ୍ମସ୍ଥାନ ପୂଜୁଥିଲେ ସଭି - ଗ୍ରାମଦେବୀ ରୁପେ
ଭକତି ସନ୍ଧ୍ୟାକାଳେ ନାମ ଗାୟି ।

ସଦା ସହାୟକ ଦୁଃଖୀଜନେ - ନପାରେ ସେ
ପୀଡା ସହି ସତ୍ୟ ନ୍ୟାୟ ପଥେ ରହି
ଭେଦଭାବ ଥାଏ ଦୁରେଇ - ସ୍ନେହପ୍ରେମ ସଦା
ବର୍ଷହି ବାତ୍ସଲ୍ୟ ନିର୍ମଳ ଧାରାବହି ।

ସେ ଦୁହିତା ସେହିଁ ମାତା -  ସୃଷ୍ଟିର ଆରମ୍ଭ
ସେଠୁ ସେହିଁ ପ୍ରେମ ସ୍ୱଛଳ ମୂରତି
ହୃଦେବସେ ସଦ୍ଵେ ପାଶେ - ଅଧର୍ମକୁ ସଦା
ନାଶେ ମହାମାୟୀ ସେ ମହାସତୀ ।
ତ୍ୟାଗର ସେ ପ୍ରତିମୂର୍ତ୍ତି - ନଥାଏ ମନେ ଆସକ୍ତି
ଜାଣେ ସେ କେବଳ ଦାନ୍ୟ
ଦେଇଚାଲେ ଦୟା ମୂରତି - ଧରିତ୍ରୀ ରୂପେ
ବିନୟୀ କରିଚାଲେ ସେ ମହାପୁଣ୍ୟ ।

ନାଁଟି ପବିତ୍ର ଅତି ଯେ ପାବନ - ଓଠରେ
ଧରିଲେ ପୂଣ୍ୟ କ୍ଷୟ ହୋଇଥାଏ ପାପ
ଦୁଇ ଅକ୍ଷର ଅନନ୍ତ ଗଭୀର - ଧର୍ମ ଚେତନା
ସାମାନ୍ୟ ସୀତା ନାମ କରି ଜପ ।

ଧର୍ମ ସାଥେ କର୍ମ ବୁଝେ ମାନବ - ଈଶ୍ୱର
ପାଦେ ମନ୍ନତୀ ମହାନ ସେହି ଅନୁଭୂତୀ
ସୌଭାଗ୍ୟବତୀ ଏ ସଂସାର - ଗାଇ ଗାଇ
ଦେବୀ ସ୍ତୁତି ପରଂବ୍ରହ୍ମ ସେ ବିଷ୍ଣୁପ୍ରିତୀ ।



**Prasant kumar Nayak**

ଡା.ପ୍ରଶାନ୍ତ କୁମାର ନାୟକ "ଇଣ୍ଡିଆନ ଇନଷ୍ଟିଚୁଟ ଅଫ ଟେକ୍ନୋଲୋଜି, ଧାନବାଦ" ରେ ଶିକ୍ଷା ସମାପ୍ତି ପରେ ଗତ କୋଡିଏ ବର୍ଷ ହେଲା, ଦେଶ ଓ ବିଦେଶରେ ବିଭିନ୍ନ "ତୈଳ ଓ ପ୍ରାକୃତିକ ଗ୍ୟାସ" କମ୍ପାନୀରେ ଭୂତତ୍ୱବିଜ୍ଞାନୀ ଭାବରେ କାର୍ଯ୍ୟରତ ।ଓଡ଼ିଆ ଭାଷା ପ୍ରତି ଅଗାଢ ସ୍ନେହ । ସମୟ ମିଳିଲେ, ସେ ଓଡ଼ିଆ ଭାଷାରେ ଗଳ୍ପ ଏବଂ କବିତା ଲେଖିଥାନ୍ତି



**Art By Priyadarshini Sahu**

# AGRANI ODIA FOUNDATION
## A Public Charitable Trust

**Agrani Odia Foundation (AOF)** is a non-governmental charitable trust, founded in 2017 at Bhubaneswar, Odisha with prime aim to help the underprivileged elderly and children who've no source of livelihood.

Its main focus is to provide free medicines and free consultations to help improve the quality of life. It aims to serve the needs of elderly people in a holistic manner, enabling them to live a life of dignity. The trust also help in providing necessary help both in terms of physical and financial for disaster relief, humanitarian aid, and leverage community development.

The trust talks for the social causes, awareness and support for people development, the trust has been active for SWACH BHARAT, TREE PLANTATION, BETI BACHAO BETI PADHAO etc

***The trust has now taken initiatives to help the elderly people who have neither anyone to help them when at distress/need and also for whom the near and dear ones are away from them (Out of India /NRI) , helping and taking care of them at the time of need .***

The foundation is led by President, **Pandit Matru Prasad Mishra**, a Pracharak of "Jagannath Sanskruti " and is actively supported by its VP Mr. **Ajaya Nayak** and General Secretary **Mr. Subhendu Das.**

We at **Agrani Odia** welcome all for this noble cause for the society and need your support both in terms of physical and financial.

**Chief Advisors: Dr. Debabrata swain** (IFS,Retd.) ,**Sarat kumar Dash** (IRS,Retd.) ,
**Committee Advisors:** Dr. **Laxmi Narayan Agrawal** (sanmarg, managing editor , Odisha)









***General Secretary of***

***Agrani Odia***

***Mr. Subhendu Das at Various Functions***




**Biswanath Bhawan,ND-18,VIP Area,
IRC VILLAGE, NAYAPALLI, Bhubaneswar, Odisha 751015
*Contact us – agraniodia@gmail.com, Subhendu : +919937643036***

***WE TOGETHER CAN BRING CHANGE & IMPROVEMENT TO SOCIETY, LET's JOIN FOR BETTERMENT***



# ପଳାଶର ଆତ୍ମଦାହ

**by Harapriya Misra**



Harapriya Misra

ପଳାଶ ଫୁଲ ମୁଁ ସୁଗନ୍ଧ ବିହୀନ
ନାହିଁ ମୋ ନିଜସ୍ୱ କିଛି
ବରଷକେ ଥରେ ବସନ୍ତ ସମୟେ
ଖୁସିରେ ଯାଏ ମୁଁ ନାଚି ।
ବସନ୍ତ ଆଗମେ ଫୁଲ ସମ୍ଭାରରେ
ପଲ୍ଲବେ ମୋ ତନୁ ରାଜି
ହୁଏ ଆତ୍ମହରା ପିରତୀ  ବିଭୋରା
ନିଜକୁ ନିଜେ ମୁଁ ଦେଖି ।
ଭାବେ ମୁଁ ନିଜକୁ ଅନିନ୍ଦ୍ୟ ସୁନ୍ଦର
ଗର୍ବେ ଫୁଲାଇ ଛାତି
ତୁଟି ଯାଏ ତନ୍ଦ୍ରା କେହିବି ଆସେନା
କେହିବି ତୋଳେନା ହସି ।
ପଥର ପଥିକ ବିଶ୍ରାମ ନିଏନା
(ମୋ )ତରୁ ଛାୟା ତଳେ ବସି
କାକଳି ଡାକେ ନା କୋଇଲି ରାବେନା
କେବେହେଁ ମୋ ପରେ ବସି ।
ବର୍ଷକ ଯାକ ନୀରବେ କାନ୍ଦେ ମୁଁ
ଦୁଃଖେ ଫାଟିଯାଏ ଛାତି
ସମସ୍ତେ କହନ୍ତି ପଳାଶ ଏଇଟା
ନାହିଁ ୟା ସୁଗନ୍ଧ କିଛି ।
ଉନ୍ନତ ଶିର ନତ ହୋଇଯାଏ
ନୀରବେ ଯାଏ ମୁଁ ଝଡି
ଅଭିମାନ ଭରା ଅଶ୍ରୁ ମୁଁ ଢାଳେ
ସଞ୍ଜ ସକାଳେ ନିତି ।
ଅବୁଝା ମନକୁ ନିଜେ ମୁଁ ବୁଝାଏ
ଆଶ୍ୱାସନା ଦିଏ ଏହି
ଆତ୍ମ ସୌନ୍ଦର୍ଯ୍ୟ ସନ୍ତୋଷ ଲଭିବା
ପ୍ରକୃତି ନିର୍ଦ୍ଦେଶ  ସେହି ।
ସଂସାର ଅଳୀକ ମୋହ ହିଁ କ୍ଷଣିକ
ଏହି ଧରାର ନିୟମ
ଜଗତ କଲ୍ୟାଣ ସାଧନ ନିମନ୍ତେ
ମନୁଷ୍ୟ ଜାତିର ଜନ୍ମ ।
ମୁହିଁ ଅକିଞ୍ଚନ ମାନବ ସମାଜେ
କରେ ଏହି ନିବେଦନ
ତେଜି ଅହଂଭାବ,ହିଂସା ,ଦ୍ୱେଷ,କ୍ରୋଧ
"ସର୍ବେ ଭବନ୍ତୁ ସୁଖୀନ" ।

Harapriya Misra was one of the founding member of Odia Literary club Chandrika at HAL township Sunabeda.

# କୁହ ପ୍ରଭୁ

**by Asima Panda**



**Asima Panda**

ପଥର ହୋଇଲ କାହିଁକି ହେ ପ୍ରଭୁ ,
କି ଦୋଷ ମୋହର ଦେଖି ,
ଜଗତର ଯଦି ନାଥ ବୋଲାଉଛ
ଅଧମେ ଦୟା ନାହିଁକି ?
ତୁମ ପାଦ ତଳେ ମଥା ରଖି ମୁହିଁ
ଦୁଃଖକୁ ଚନ୍ଦନ ବୋଲି  ମୁଁ  ମଣିଲି
ସେଇ ମୋର ସୁଖ ,ସେଇ ମୋର ଦୁଃଖ
ଆଉ ଲୋଡ଼ା ନାହିଁ କିଛି ।
ସାରା ଜୀବନରେ ଯେତେ ଦୁଃଖ ମୋର
ସବୁତ ସହିଲି ନୀରବରେ ମୁହିଁ ।
ଆଉ ସହିବାର ନାହିଁ ଯେ ଶକତି ,
ମାଗୁଣି ମୋହର  ପ୍ରଭୁ ଏତିକି ।

Asima Panda is She is a art & culture loving person who has lot of regard, love and passion for the culture of every race , religion & country. She is staying in Kuala Lumpur with her son Akshit & husband, Anup.





# ଦିନ ଥିଲା

**by Bibekananda Pattanaik**

ଆଜି ବି ମୁଁ ଜାଣେ ,କିନ୍ତୁ
ଦିନଥିଲା ତୁମ ମୁରୁକିହସ ମୋ  ହୃଦୟରେ  ଦୁର୍ବିପାକ
ସୃଷ୍ଟିକରୁଥିଲା,
ଦିନଥିଲା ତୁମ  ଗୋଟେ ଇଙ୍ଗିତରେ  ମୋ  ଜୀବନର
ଦିଗ  ବଦଳୁଥିଲା

ଆଜି ବି ତୁମ ଏକ ଏକ ଶବ୍ଦର ପ୍ରତିଧ୍ୱନି କାନରେ
ପ୍ରତିଘାତ କରୁଛି,
ଆଜି ବି ତୁମ  ସ୍ପର୍ଶର  ଭାବନାରେ  ହିଁ ଶରୀର କମ୍ପନ
ସୃଷ୍ଟିକରୁଛି

ମୁଁ ଜାଣେ କେତେଦିନ ତୁମ ଅଭୁଲା ସ୍ମୃତିକୁ ହୃଦୟର
ସୀମାରେଖାରେ  ବାନ୍ଧିରଖିବି,
ମୁଁ ଜାଣେ ମୋତେ  ବର୍ତ୍ତମାନର ହାତଧରି
ଚାଲିବାକୁପଡିବ ଯଦିଜୀବନରେ  ଖୁସି ରହିବାକୁ ହେଲେ

କିନ୍ତୁ ମୁଁ ବାରମ୍ବାର  ମୋର ହୃଦୟ ସହ ସଂଘର୍ଷରେ
ବାଧ ହୋଇ  ହାରିଯାଉଛି ,
ତୁମେ  କଣ ଏତେ  ନିଷ୍ଠୁର  ଥିଲ ମୋ  ପ୍ରେମର
ପରିଭାଷା କୁ ବୁଝିପାରିଲାନି
ନା ନବୁଝିବାର ବହାନା କରି ମୋତେ  ଛାଡିଚାଲି
ଚାଲିଗଲ



Bibekananda Patnaik is a Profession Client Partner working with TCS and is based in Kuala Lumpur.He loves to write poems in leisure time.

# ମା

**by Aarati Patra**

ମା" ଠାରୁ ଆଉ କିଏ ଅଛି ବଡ ,
କହ ଏ ବିଶାଳ ସୃଷ୍ଟିରେ ,
ଘଣ୍ଟ ଘୋଡାଇ ରଖିଥାଏ ପରା,
ତାହାର ପଣତ କାନିରେ । ୧)
ଦଶ ମାସ ଦଶ ଦିନ ଗର୍ଭରେ ଧରି ସେ
ଜନମ ଆମକୁ କଲା,
ଜନମିଲା ପରେ ଶିଶୁଟି ପରାଏ
କୁଆଁ କୁଆଁ ଡାକ ଦେଲା (୨)
ଚାଲି ଶିଖାଇଲା ଟିକି ହାତ ଧରି ,
ଦେଖାଇଲା ମୋତେ ବାଟ ,
ବାଟ ଦେଖିସାରି ଖୋଲିଗଲା ମୋର ,
ଏ ଦୁନିଆଁର କବାଟ ।(୩)
ଶିଶୁ ଯେବେ ଦିନେ ବଡ ହୋଇଗଲେ ,
ମା" ହୋଇଯାଏ ଖୁସି ,
ଖୁସିରେ ତାହାର ଦୁଇଟୋପା ଲୁହ
ଅଜାଣତେ ଗଲା ଖସି ।(୪)
ଯେଉଁ ଶିଶୁ ଦିନେ ମା ମା ଡାକି
ଶୋଇ ପଡୁଥିଲା କୋଳରେ ,
ସେହି ଦିନ ଆଜି ଖୋଜି ପାଉନାହିଁ
ଶୁଣ ମୋର ଗଳା ମାଳିରେ ।(୫)
ସେହି ଶିଶୁ ବଡ଼ ହୋଇ ଯେବେ ହାକିମ ବନିଲା,
ପୁଅ କହେ ପୁଣି ମା କୁ ତାହାର
ଯାଅ ତୁ ଏଠୁ ପଳା ।(୬)
ସେହି ମା ପୁଣି ଅତି ଆତୁରରେ
ଡାକୁଥାଏ ପୁଅ ବୋଲି
ଶୁଣୁରେ ଧନ ମନେ ପଡୁନିକି
ପିଲାଦିନ ଅଳି ଅର୍ଦ୍ଦଳି ।(୭)
ମାଆ ବୋଲୁଥାଏ ଈଶ୍ୱରଙ୍କୁ ଚାହିଁ
ଦିଅ ପ୍ରଭୁ ଧୌର୍ଯ୍ୟ ମୋତେ ,
ଏତେ ବଡ ଦୁଃଖ ସହିପାରିବିନି
ଜୀବନ ଯିବ କେମନ୍ତେ ।(୮)

Aarati Patra ,a mom. She writes poems and love to dance





Art by Priyadarshini Sahu

# ସମ୍ପର୍କ.....ଏକ ପ୍ରହେଳିକା

**by Eng Durgesh Nandhini Das**

ସମ୍ପର୍କ, କେତେବେଳେ ଘୋର ଅନ୍ଧକାରରେ ଆଲୋକର ଏକ ଶିଖା,ପୁଣି କେତେବେଳେ ଅଦିନିଆ ମେଘର ଶୀତଳ ସ୍ପର୍ଶ ।କେତେବେଳେ ଲଟେଇରୁ ଛିଣ୍ଡି ହାତରୁ ଖସିଯାଇଥିବା ଗୁଡ଼ିପରି ତ ପୁଣି କେତେବେଳେ ହୃଦୟକୁ ରକ୍ତାକ୍ତ କରି ଦେଉଥିବା ଏକ ନିଷ୍ଠୁର ଆଘାତ ।

ପାପ ,ପୁ◌ୁଣ୍ୟ ,ସମାଜ,କଳଙ୍କ,କୁହେଳିକା ଏମିତି ସବୁ କେତେ କଣ ଅନାବନା ଭାବନାକୁ ନେଇ ମୁଁ ଭାରି ସନ୍ତୁଳି ହେଉଥାଏ ସେଦିନ।ଆଖିରୁ ପୁଣି କେତେବେଳେ ଅଜାଣତରେ ଲୁହ ଧାରା ସବୁ ଆସି ବୁକୁରେ ମିଶି ଯାଉଥାଏ।ଠାକୁର ପୂଜାରେ ବି ମନ ଲାଗୁନଥାଏ।ଖବର କାଗଜ ଧରି ବସିବାକୁ ମଧ ମନ ନଥାଏ।ବାସି ରୁଟି ଖଣ୍ଡେ ଚା' ରେ ବୁଡେଇ ଖାଉ ଖାଉ ମିତା ଆସି କହିଲା"ମା',ମୁଁ ଯାଉଛି","ଆଜି ସଞ୍ଜ ବେଳକୁ ଆସିବିନି"।ମୁଁ "ହୁଁ"ଟେ ମାରି ସେମିତି ବସି ରହିଲି।ସକାଳୁ ଫୁଲ ତୋଳିଲା ବେଳକୁ ଉପର ଘରେ ଭଡାରେ ରହୁଥିବା ସୋମେନ ବାବୁ ଆସି କହିଲେ,ମାଉସୀ ଜାଣିଛନ୍ତି,"ବନାନୀ ମାଉସୀ ଚାଲି ଗଲେ" !!!"ମୁଁ ଅବାକ"!! "ଚାଲିଗଲେ" ?"କୁଆଡେ ଚାଲିଗଲେ" ?ସୋମେନ ବାବୁ କହିଲେ,ତାଙ୍କ ଝିଆରୀ କାଲି ରାତିରେ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲେ,ଆଜି ସକାଳୁ ସେ ଚାଲିଗଲେ।ମୁଁ ପୁରା ମୁକ ପାଲଟି ଗଲି ଏ କଥା ଶୁଣି।ଲକ୍ଷେ ପ୍ରଶ୍ନ ମୋ ମନରେ।ଛାତି ଥରିଉଠିଲା,ବାବୁଙ୍କୁ ଯାଇ କହିଲି ଜାଣିଛ।ବନାନୀ ମାଡାମ ଚାଲିଗଲେ,ସେ ବି ଆଶ୍ଚର୍ଯ୍ୟ ହୋଇ ପଡିଲେ।ବସି ରହିଲୁ ଆମେ ଦୁହେଁ ସେମିତି ବହୁତ ସମୟ କଣ ହେଲା,କେମିତି ହେଲା,ଏ ସବୁ ତର୍ଜମା କରି।ହାତ ଗୋଡ ସବୁ ଯେମିତି ସ୍ଥାଣୁ ପାଲଟି ଯାଇଥାନ୍ତି।

ଏଇ ଦୁଇ ବର୍ଷ ଭିତରେ ନିଜ ଲୋକଙ୍କୁ ହରେଇ ବହୁତ କଷ୍ଟ ପାଇଛି।ଏଇ ଜୀବନର ନିଷ୍ଠୁରତାକୁ ଖୁବ ପାଖରୁ ଦେଖିଚି।ମୋ ବୋଉ ଭଳି ସ୍ନେହ କରୁଥିବା ଖୁଡି ଆଗ ଚାଲିଗଲା।ସେ ତା ପୁଅ ଝିଅ ଓ ଆମ ଭିତରେ କେବେ ପାତର ଅନ୍ତର କରିବା ମୁଁ ଜାଣିନି।ଖୁଡି ଯିବାର ବର୍ଷେ ହେଇନି ବୋଉ ଚାଲିଗଲା।ସେଦିନ ଯେମିତି ଆକାଶ  ଛିଡି ପଡିଥିଲା,ମୋ ପୃଥିବୀ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇ ଥିଲା।ଆମେ ଭାଇ ଭଉଣୀ ୩ ଜଣ ନିଜକୁ ସମ୍ଭାଳି ପାରୁ ନଥିଲୁ।ପୁଣି ଠିକ ବର୍ଷେ ପରେ ବାପା ଚାଲି ଗଲେ ବୋଉ ପାଖକୁ।ସଂସାରର ସବୁ ସମ୍ପର୍କ ମିଛ,ଖାଲି ମୋହ ମାୟା।କେମିତି ଏ ସବୁରୁ ମୁଁ ମୁକ୍ତ ହୋଇଯାନ୍ତି କି!ମତେ ହେଲେ ବିଧାତା ନେଇ ଯାଆନ୍ତା ମୋ ବାପା,ବୋଉ,ଖୁଡି ପାଖକୁ।

ଟିକେ ମନ ପରିବର୍ତନ ହେବ ବୋଲି ଝିଅ ମୋର ଟିକେଟ କରି ଦେଇ ଥିଲା ଯିବା ପାଇଁ ଚଣ୍ଡିଗଡ।ସେଠାରେ ମାସେ ଖୁବ ଭଲରେ କଟିଲା।ନାତି ଟୋକା ସହିତ ଖେଳି ସମୟ କେମିତି ଗଡିଯାଉ ଥିଲା ଜାଣି ହେଉନଥିଲା।ଖୁବ ବୁଲା ବୁଲି ମଧ କଲୁ। ପୁଣି...ମୋହ ମାୟାର ବନ୍ଧନ ଟାଣି ନେଇଥିଲା ଭିତରକୁ ଭିତରକୁ।ହେଲେ ବାବୁଙ୍କୁ ଘର ଚିନ୍ତା।କଟକରେ ପାଞ୍ଚଟି କ୍ୱାଟର ଭଡାରେ ଲାଗିଛି।ସରକାରୀ ବେତନଧାରୀ ଚାକିରିଆ ଜୀବନକୁ ଅତିକ୍ରାନ୍ତ କରି ଅବସର ନେଲା ବେଳକୁ ନିଜ ଘର ତିଆରି କଲୁ।ଚଣ୍ଡୀଗଡ ଯିବା ବେଳକୁ ସେଇ ବନାନୀ ମାଡାମଙ୍କୁ ଘର ଚାବି ଓ ଅନ୍ୟ ଭଡାଟିଆଙ୍କ ଦାଇତ୍ୱ ଦେଇ ଆସିଥିଲି।କିଏ ଭଡା ଦେବ,ଲେକଟ୍ରିସିଟି ବିଲ୍ ଇତ୍ୟାଦି।ସେ ମଧ ବରାବର ଫୋନରେ ଭଲ ମନ୍ଦ ଜଣାନ୍ତି।



ହଁ,"ମୁଁ ତାଙ୍କୁ ଡାକେ ମାଡାମ"...ସେ କିଛି ଚାକିରୀ ବାକିରି କରି ନଥିଲେ,କିନ୍ତୁ ତାଙ୍କ personality ଦେଖି ମୋ ପାଟିରୁ ବାହାରି ପଡିଥିଲା 'ମାଡାମ'।ବୟସ ତାଙ୍କୁ ୫୦ ପାଖାପାଖି ହବ ବୋଧ ହୁଏ।ଖୁବ ସୁନ୍ଦର ଚେହେରା,ଚମ୍ପାଫୁଲ ପରି ରଙ୍ଗ,ଉଚ୍ଚତା କିଛି ନହେଲେ ବି ୫ ଫୁଟ ୫ ଇଞ୍ଚ ହେବ।ଏତେ ସୁନ୍ଦର ଭାବେ ଶାଢ଼ୀ ପିନ୍ଧି ଦିଅନ୍ତି ଯେ ଖୁବ ଆକର୍ଷଣୀୟ ଦିଶନ୍ତି,କଥାବାର୍ତ୍ତା ମଧ୍ୟ ଖୁବ ମାର୍ଜିତ।ଯେଉଁଦିନ ସେ ଘର ଦେଖିଆସି



ଥିଲେ,କହିଲେ ବାବୁ ଚାକିରୀରେ ଅନ୍ୟ ସହରରେ ଅଛନ୍ତି ।ଦୁଇ ପୁଅ,ସେମାନେ ମଧ୍ୟ ଚାକିରୀରେ।ସେ ରହିଲା ପରେ ବେଶ ମୋ ସହିତ କିଛି ସମୟ ବିତାନ୍ତି।ମୋର ଲେଖା ପଢ଼ିବାକୁ ତାଙ୍କୁ ଭଲ ଲାଗେ।ଖୁବ ପ୍ରସଂଶା ମଧ୍ୟ କରନ୍ତି।ଏମିତି କଥା ପ୍ରସଙ୍ଗରେ ଥରେ କହିଲେ"ତାଙ୍କ ସ୍ୱାମୀ ତାଙ୍କୁ ଛାଡି ଅନ୍ୟ ଜଣ ଙ୍କୁ ବାହା ହୋଇ ରହିଛନ୍ତି"।ପୁଅ ମାନେ ଟଙ୍କା ପଠାନ୍ତି ତାଙ୍କ ଖର୍ଚ୍ଚ ପାଇଁ ଆଶ୍ଚର୍ଯ୍ୟ ହେଲି ସେଦିନ.ଆହା...କେତେ ସୁନ୍ଦର ଚେହେରା,କେତେ ନିରୀହ ମଣିଷ ଟିଏ,ହେଲେ ସେ ଲୋକଟା ଏମିତି କାହିଁକି କଲା???ବହୁତ ପ୍ରଶ୍ନ ମନକୁ ଆସିଲେ ମଧ୍ୟ ତାଙ୍କୁ କିଛି ନ ପଚରିବା ଠିକ ଭାବିଲି ।ଏତେ ଦୁଃଖ ଥାଇ ବି ତାଙ୍କ ଓଠ ରୁ ହସ କେବେ ଲିଭେନି।ଭାବିଲି ତାଙ୍କ ପୁଅ ମାନଙ୍କୁ କେବେ ଭେଟନ୍ତି କି?ପଚାରନ୍ତି ଟଙ୍କା ଦେଇ ଦେଲେ କର୍ତବ୍ୟ କଣ ପୁରା ହୋଇ ଯାଏ?ମା'କୁ ନେଇ ପାଖରେ ରଖୁନା କାହିଁକି?ଜୀବନରେ ଏତେ ପିଲାଙ୍କୁ ମଣିଷ କରିଛି,ସେ ଦୁଇଟା ପିଲାଙ୍କୁ କାନ ମୋଡ଼ି ପଚାରନ୍ତି.....କିନ୍ତୁ....ପୁଣି ଭାବେ,କ୍ଲାସରେ ଗଣିତ ପଢାଇବା ଖୁବ ସହଜ,କିନ୍ତୁ ଜୀବନର ଅଙ୍କ କଷା ଖୁବ ଭିନ୍ନ ପ୍ରକାରର ।ତାଙ୍କ ପରିବାର କଥା,ମୁଁ କାଇଁ ମୁଣ୍ଡ ଖେଳେଇବି।

ଚଣ୍ଡୀଗଡରୁ ଫେରିବା ଦିନ ଯାଇଥିଲି ତାଙ୍କୁ ମିଠା ଟିକେ ଦେବାକୁ।ସେଦିନ ଥିଲା ଗୁରୁବାର,ମାଡାମ କହିଲେ,"ମତେ ଛୁଅନ୍ତୁନି,ମତେ ଜର,ଚାରି ଦିନ ହେଲା ଗାଧେଇ ନାହିଁ"।ତାଙ୍କ ଝିଆରୀ ଥାଏ ତାଙ୍କ ପାଖରେ।ମୁଁ ପଚାରିଲି ଡାକ୍ତର ଦେଖାଇଛନ୍ତି ନା| ନାହିଁ?ଝିଅଟି କହିଲା ହଁ,ମାଉସୀ ମେଡିସିନ ଦଉଚି ।ମୁଁ ମିଠା ଦେଇ ପଳେଇ ଆସିଲି।ସେଦିନ ରାତିରେ ତାଙ୍କ ଦେହ ବେଶୀ ଖରାପ ହେବାରୁ ଝିଅଟି ତାଙ୍କୁ ମେଡିକାଲ ନେଇ ଯାଇଥିଲା ।ସେଠି ସେହି ରାତିରେ ସେ ଚାଲିଗଲେ ଆରପାରିକୁ,ସଂସାରର ସବୁ ବନ୍ଧନକୁ ତୁଟାଇ,ଅବଶ୍ୟ,ପ୍ରକୃତରେ ସେ ସେମିତି କୌଣସି ବନ୍ଧନରେ ଆବଦ୍ଧ ନଥିଲେ।ସତେ ଯେମିତି ଅଲୋଡ଼ା ମଣିଷଟିଏ ସମସ୍ତଙ୍କପାଇଁ।ମଣିଷ ପାଖରେ ସୁନ୍ଦର,ଅସୁନ୍ଦର,ଧନୀ,ଗରିବ ଏସବୁର କିଛି ମାନେ ନ ଥାଏ।ମଣିଷର ବ୍ୟକ୍ତିତ୍ୱ ନିର୍ଧାରଣ କରେ ତାର ମାନସିକତା,ସ୍ୱାମୀ ଟିଏ ଏତେ ସୁନ୍ଦର ସ୍ତ୍ରୀ,ଏତେ ସୁନ୍ଦର ସଂସାର ଛାଡି ଯାଇପାରିଲା କିପରି ଅନ୍ୟର ହାତ ଧରି.....ପିଲା ଦି ଟା ଯାହା ପାଇଁ ମଣିଷ ହୋଇ ଆଜି ରୋଜଗାର କ୍ଷମ ହୋଇ IT Engineer ବୋଲାଉ ଛନ୍ତି,ମା'କୁ ଅବହେଳିତ ଅବସ୍ଥାରେ ଛାଡି ପାରିଲେ କେମିତି ?ସେ ଏତେ ସ୍ୱାଭିମାନୀ ଯେ ତାଙ୍କ ବାପ ଘରକୁ ଯାଇ ରହିନଥିଲେ କି କଟକରେ ରହୁଥିବା ତାଙ୍କ ଭଉଣୀ ଘରେ ରହିନଥିଲେ।ତାଙ୍କ ପୁତୁରା ଜଣେ ନାମିଦାମୀ ସିନେମା କଳାକାର।ସେ ମଝିରେ ମଝିରେ ଆସନ୍ତି।ମୋ ସହିତ ବି ମୁହଁ ମୁହିଁ ହେଇଛନ୍ତି କେତେଥର,"ମତେ କୁହନ୍ତି ମାଉସୀ,ମୋ ମାଉସୀ କୁ ଟିକେ ବୁଝାନ୍ତୁ"..."ମୋ ପାଖରେ ଯାଇ ରହିବ"।ଏଠି କେତେବେଳେ ଖାଉଛି,ନ ଖାଉଛି,ଦେହ ପା,ଭଲ ମନ୍ଦ ସବୁ ଅଛି।ଅନ୍ତତଃ ତା ଭଉଣୀ ପାଖରେ ତ ରହି ପାରିବ।ମୁଁ କହେ ବାପା,ମୁଁ ତ ତାଙ୍କୁ କହୁଛି,ହେଲେ ତାଙ୍କୁ ଯାହା ଠିକ ଲାଗୁଚି,ସେ କରୁଛନ୍ତି.ମୁଁ ଆଉ କଣ କରିବି.....

ସେଇ ମାଡାମ ଆଜି ହଜିଗଲେ କେଉଁଠି.... ଅଭିମାନ,ସ୍ୱାଭିମାନ ସବୁ ବାଷ୍ପ ହୋଇ ମିଶିଗଲା କୁଆଡେ ।ମୁଁ ବାରମ୍ବାର କଲ କରୁଥାଏ ତାଙ୍କ ନମ୍ବର କୁ,କେହି ଉଠାଉ ନଥାନ୍ତି.ଦିନ ୧୧ ଟା ବେଳକୁ ଗୋଟେ କଲ ଆସିଲା...ମାଉସୀ,ନମସ୍କାର,ମୁଁ ସ୍ପନ୍ଦନ କହୁଛି,ଭୋରରୁ ମାଉସୀ ଚାଲି ଗଲା,କାଲି ରାତିରେ ଜର କମିନଥିଲା,ଏବେ ଯାଏ ଠିକ କାରଣ ଜଣା ପଡିନି,ଜାଣିଲେ ଆପଣଙ୍କୁ ଜଣେଇବି।ହଁ,କିଛି ବ୍ୟସ୍ତ ହେବେନି....ଆପଣଙ୍କ ଟଙ୍କା ନେଇ ମୁଁ ଦେଇ ଆସିବି।ମୁଁ କହିଲି ବାପା,ଟଙ୍କା କଥା କିଛି ଚିନ୍ତା କରନି,ସବୁ କାମ ଆଗ ଭଲରେ ସରୁ।

ଘରଭଡା ବାବଦ ପ୍ରାୟତଃ ୧୬୦୦୦ ଟଙ୍କା ଥିଲା ତାଙ୍କ ପାଖରେ।ଦୁଇଦିନ ପରେ ସ୍ପନ୍ଦନ ଆସି ଟଙ୍କା ଦେଇଗଲେ।ମୁଁ ତାଙ୍କୁ ଦେଖି କାନ୍ଦି ପକାଇଲି।ମାଡାମଙ୍କର କଣ ହୋଇଥିଲା,ନ ହୋଇଥିଲା କିଛି ନ ପଚାରି ଚୁପ ଚାପ ଚାଲି ଆସିଲି।ପୁଣି ସ୍ଥାଣୁ ହୋଇ ବସି ରହି ସବୁ ଅନାବନା ଭାବନା ମଧ୍ୟରେ ହଜି ଯାଇଥିଲି.ସମ୍ପର୍କ ଯେମିତି ଏକ ପ୍ରଶ୍ନବାଚୀ ସାଜି ଥିଲା....!!!!
ବାବୁ ଡାକ ପକାଇଲେ........ଷ୍ଟେଥୋସ୍କାପ ତା ଦିଅ...ପେସେଣ୍ଟ ଆସିଲେଣି ......|



Eng Durgesh Nandini Das is a full time mom , housewife preparing for PhD.She is Currently staying in Penang,Malaysia


Corporate Services
All kind of construction Services
Deals in core house
apartment Project
plotting
land selling and buying in & around Bhubaneswar
Currently have plots near Infosys 2 with various sizes or can done with costumer request (with all necessary support for all legal documents such as PATTA, GHARABARI and Boundary wall) (Note – NRIs have the max holding of this property) Location map as attached
Up-coming Apartment Project at Padhansahi, Sundarpada, Bhubaneswar
Contact Us
BISWANATH BHAWAN, ND-18
VIP AREA, IRC VILLAGE, NAYAPALLI,
BHUBANESWAR - 751015, ODISHA
MOB NO. 9937643036,9583493011
Mail ID.: mailsubhendudas@gmail.com
SUBHA
SUBHA CONSTRUCTION AND DEVELOPERS
LOCATION MAP GAMEI PLOTTING
PLOTTING SITE
GIFT
TO CUTTACK
MIT
INFOCITY 2
GITAM
BITS
Adyanta +2 Sc
GANGAPARA CHHAK
PITAPALLI SQ.
TO KHORDHA
TO BBSR


HTTP://LACURE.COM.MY/
La Cure
DEAD SEA COSMETICS
Trying is beleiving
BEST CHOICE #1 BEST CHOICE
SATISFACTION 100% GUARANTEED
The Dead Sea
A Gift of Nature
The earth's densest and purest concentrartion of minerals, acclaimed worldwide for their curative effects.
CONTAIN MORE 37 DEAD SEA MINERALS
ALCOHOL FREE
CONTAIN NO ANIMAL PRODUCTS
Dead Sea Mud Soap
Cooling Body Lotion



# କୁନା ତ୍ରିପାଠୀଙ୍କ କଲମରୁ

**by Kuna Tripathy**

ଓଡ଼ିଆ ଭାଷା ସାହିତ୍ୟ ଓ ପରମ୍ପରାକୁ ଭଲ ପାଉଥିବା ପ୍ରତ୍ୟେକ ମଣିଷଙ୍କୁ ଆଜି ପ୍ରଣାମ । "କଳିଙ୍ଗ ସାହାସୀକାଃ" ର ଉପାଧି ପାଇଥିବା ଏଇ ଦୁର୍ଦ୍ଦଶ ଜାତିର ଇତିହାସକୁ ତର୍ଜମା କଲେ ଜଣାଯାଏ ଯେ ମହାନତା'ର ସବୁ ନିୟମାବଳୀର ପର୍ଯ୍ୟାୟଭୁକ୍ତ ହେବାର ଦକ୍ଷତା ଏ ଜାତିର ଥିଲା ।କୌରବଙ୍କର କଳିଙ୍ଗରାଜ୍ୟକୁ ଦୂତ ପଠାଇ ନିଜତରଫରୁ ମହାଭାରତ ଯୁଦ୍ଧରେ ଲଢ଼ିବାର ଆମନ୍ତ୍ରଣ ଭଳି ପୌରାଣିକ କଥା ହେଉ ବା ଇତିହାସ ପୃଷ୍ଠା ଉଜ୍ଜ୍ୱଳ କରିଯାଇଥିବା ଖାରବେଳଙ୍କ ଗାଥା ହେଉ,ସବୁଠି ଥିଲା ଏ ବୀର ଜାତିର ସ୍ୱାକ୍ଷର । ସମୁଦ୍ର ପଥରେ ଯାତ୍ରାକରି ବିଦେଶରେ ବ୍ୟବସାୟ କରୁଥିବା ଏ ଜାତିର ସମୃଦ୍ଧତାର ବଖାଣ ଆଜିବି ମନକୁ ଆନ୍ଦୋଳିତ କରେ । 'ତାଜମହଲ' ର ପରିକଳ୍ପନାର ଯଥେଷ୍ଟ ପୂର୍ବରୁ ଓଡ଼ିଆ ଶିଳ୍ପୀ ଗଢିସାରିଥିଲା 'କୋଣାର୍କ' । ଯିଶୁଖ୍ରୀଷ୍ଟ ଜନ୍ମ ହେବାର ଚାରିବର୍ଷ ଆଗରୁ କୁହାଯାଉଥିବା,ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଏ ଜାତିର ଭାଷାରେ ଥିବା ସାହିତ୍ୟ ମଧ୍ୟ ବେଶ ସମୃଦ୍ଧ ।

ଏତେ କଥା ଯଦି ଥିଲା, ଆଜି କାହିଁକି ଓଡ଼ିଆଟେ ତାର ପରିଚୟକୁ ନେଇ ଏତେ ସନ୍ଦିହାନ ? କାହିଁକି ଆଜି ନିଜ ଭାଷାରେ ପରସ୍ପର ସହିତ କଥା ହେବାକୁ ଏତେ କୁଣ୍ଠିତ?କାହିଁକି 'ମୁଁ' ଓଡ଼ିଆଟେ ବୋଲି ଅନ୍ୟ ଆଗରେ ପ୍ରକାଶ କରିବାରେ ଆମେ ଆଜି ଲଜ୍ଜିତ ?ସବୁ ପ୍ରଶ୍ନର ଉତ୍ତର ଗୋଟିଏ ସହଜିଆ ଦିଗକୁ ଆଙ୍ଗୁଠି ଦେଖାଉଚି ।ତାହାହେଲେ ଜାତି, ଭାଷା ,ସାହିତ୍ୟ,ସଂସ୍କୃତି ଓ ପରମ୍ପରା ନେଇ ଆମେ ମାନେ ଗର୍ବିତ ନୋହୁଁ,'ମୁଁ' ର ବନ୍ଧନ ଭାଙ୍ଗି 'ଆମେ' ର ବିସ୍ତୃତ କ୍ଷେତ୍ରରେ ଚଲାବୁଲା କରୁନା ।ଇତିହାସକୁ ତର୍ଜମା କରିବାର ଧୈର୍ଯ୍ୟ ଆମର ନାହିଁ ।ସବୁଠୁ ବଡ କଥା ହୋଉଛି -'କଳିଙ୍ଗ ସାହାସୀକାଃ' ର ଉପାଧି ପାଇଥିବା ଏ ଜାତି ଆଜି ଅଦ୍ଭୁତ ଭାବରେ 'ଡରୁଆ' ପାଲଟି ଯାଇଛି ।

ଆଜିର ଏଇ ଅଳ୍ପ କଥନରେ କେବଳ ଏତିକି କହିବି ଓଡ଼ିଶାର ଭୌଗଳିକ ପରିସୀମା ବାହାରେ ହେୟ ମୋର ଓଡ଼ିଆ ଭାଇମାନେ ,ବେଦର ସେ ମହାନ ବାଣୀକୁ ମନେ ପକାନ୍ତୁ ।'ଅହଂ ବ୍ରହ୍ମାସ୍ମି' ବା 'ମୁଁ ନିଜେ ବ୍ରହ୍ମ 'ର ଆପ୍ତବାକ୍ୟକୁ ଅସ୍ତ୍ର ରୂପେ ଧାରଣା କରି ଓଡ଼ିଆ ସ୍ୱାଭିମାନକୁ ପୁଣିଥରେ ଜାଗ୍ରତ କରନ୍ତୁ । ଦେଖିବେ ବିଶ୍ୱ ମାନଚିତ୍ରରେ ଆମ ହସ୍ତାକ୍ଷର ଦାଉ ଦାଉ ହେଇ ଦେଖାଯିବ ଓ ଏ ଜାତି ଦିନେ ସମସ୍ତ ପୃଥିବୀର ସମ୍ମାନର ଯୋଗ୍ୟ ହେବ ।ଦେଖା ହେଲେ ବାକି କଥା ।ଜୟ ଜଗନ୍ନାଥ ।।



Kuna Tripathy is a well known film and T.V.personality. Currently he holds the post of Chairman OFDC

# ବସନ୍ତ ଆସେ କି?

**by Binapani Pradhan**

ବସନ୍ତ ଆସେ କି ?
ନିରୋଳା ଶୀତରାତି ପରେ ,
ଡହଡହ ଖରାର ବିରହୀବେଳାରେ ?
ଭୋଦୁଅର ମେଘଛାଇ ତଳେ ,
କେବେ ଏକାଏକା ଖିଆଲିପଣରେ ?

ବସନ୍ତ ଆସିବାର କିଏ ଦେଖିଛି ଯେ ?
ସେ କଣ ଆସେ ନିହାତି ଗୋଟେ
ଫୁଲପରି ମହକାଇ ଦେଇ,
ଲଟେଇଫୁଲ ତଳୁ ଭଁଅର,
ଯେମିତି ଆସେ ମହୁ ଖୋଜି ଖୋଜି,
ଅବିରର ରଙ୍ଗ ମୁଠେ ହାତରେ ଧରି,
ତୋ ଦେହକୁ ଜାବୁଡି ଧରେ,
ତୋର ଯେତେ ଦୀର୍ଘଶ୍ୱାସକୁ
କ'ଣ ଛାତିରେ ଲୁଚାଇପାରେ ?

ବସନ୍ତ ଆସିବାର ଏଯାଏଁ ଦେଖିନି ମୁଁ ,
ହଁ କେବେ ମିଟିମିଟି ତାରାରାତି ଭଲ ଲାଗେ ,
ହାବୁକାଏ ପବନର ଏକଲାପଣ ବି ନିଜରଲାଗେ,
ବିତିଥିବା କେତେଟା ମୁହୂର୍ତ୍ତକୁ ଦୋହରାଏ।
ସବୁ ଖାଲିପଣରେ କେମିତି ମନଟା ଭରିଯାଏ।
ସେଇକଣ ବସନ୍ତର ଲଫାଫା  ଚିରେ,
ବସନ୍ତ ଯାଇଛି ବୋଲି ଚିଠି ଲେଖେ ,
ତା ଶୁନ୍ୟତାର ହା ହୁତସନରୁ କେମିତି
ପୁଳେ ପୁଳେ ଦୁଃଖକୁ ସାଉଁଟି ବସେ।
ବସନ୍ତ ଆସିବାର ବାଟ ପାଖେ ହୁଡାଦିଏ,
ଯେମିତି କେବେ ବସନ୍ତ ଏ ଖାଲିପଣକୁ ନଛୁଏଁ।



# ଧୂସର ମାଣିକ

**by Binesh Kumar Samal**

ଖଜୁରୀପଡାର ମଥାରେ ଚମକୁଥିଲା
ଗୋଟି ଗୋଟି ଝରା ମହୁଲର ଫୁଲ।
ପିଠିରେ ଝୁଲୁଥିଲା, ଛଅ ମାସିଆ ଭବିଷ୍ୟତ,
ହାତରେ ଶୁଖିଲା ଆଶାର କେଇ ବିଡ଼ା ଶାଳପତ୍ର।
ମୁହଁରେ ନଥିଲା ଦୋମୁହାଁଙ୍କ ଭଳି ଦୋଦୋପାଞ୍ଚ,
ଥିଲା ଓଳିକ ପାଇଁ ଭୋକର ହାଣ୍ଡିଶାଳରେ
ଦରସିଝା ଚାଉଳର ଖୁସି ଆଉ ଝାଉଁଳା ମହୁଲ।
ପ୍ରତିବାଦ କଣ, ଜାଣିନି ସେ ଯୁଗ ଯୁଗ ଧରି।
ସୂର୍ଯ୍ୟବି ତ ଲୁଚୁଥିଲା  ତା ଦେହରୁ ଝଲକ
ଟାଙ୍ଗରା ମାଟିରେ ତାତି ଫୁଟେଇ ,
ଦିକୁ ମାନେ ଯେବେ ତା ଅନ୍ତ ବିଦାରୁ ଥିଲେ
ଧୋବଲା ବାବୁ ମାନେ ହସୁଥିଲେ,
ନିଜ ଭେଜାଲ ଦେହରେ ତା ରକ୍ତକୁ ଅତର କରି।
ତଥାପି ନୀରବ ସେ ଏ କି ମୌନତା ଦେଖ।
ସଂଘର୍ଷ, କପାଳରେ ବନ୍ଧା ଏକ ଶିରିପା ତାର।
ବୁଢା ଡୁଙ୍ଗୁରି ପାହାଡ଼ର କୋଳେ ଲୁଚେଇ ଦିଏ
ଦିନର ତାତିରେ, ଅସୁଖ ରାତିରେ ରନ୍ଧା ଅନାହାର।
ମରଣକୁ କାନ୍ଧରେ ବୋହେ ଘାଟିର ଅରଗଳିରେ
ବଞ୍ଚିଗଲେ ଦୁନିଆ କହେ, ଗାଏ, ଲେଖେ
ଅନେକ ଦର୍ଶନ,ଚିନ୍ତନ ତା କାହାଣୀର।



ବିନେଶ କୁମାର  ସାମଲ ବୃତ୍ତିରେ ଇଂଞ୍ଜିନିଅର ଭାବେ Accenture ରେ କାର୍ଯ୍ୟରତ ।ଲେଖା ଲେଖିରେ ଆଗ୍ରହ ପିଲାବେଳୁ ,ଗ୍ରାମ୍ୟ ଜୀବନ ଓ  ସମାଜର ଚଳନ୍ତିକ ସମୟରୁ ଛାଣି ଆଣନ୍ତି ଭାବ ଆଉ ଶବ୍ଦକୁ ।ଏହି ତରୁଣ ଲେଖକଙ୍କ ଭାଷାରେ ସାହିତ୍ୟରେ ନିହିତ ଶକ୍ତି ଏକ ସମାଜକୁ ବଦଳାଇ ପରିବାର କ୍ଷମତା ରଖିଥାଏ ।



# ବୁଢ଼ୀ ସନ୍ତାନ

**by Bratati Priyadarshini Swain**

ଆଜି କଲେଜରୁ ଫେରୁ ଫେରୁ  ଇତିର ଡେରି ହୋଇ ଯାଇଥିଲା । ଇତି ତରତର ହୋଇ ଚାଲୁଥିଲା ଓ ବାରମ୍ବାର ହାତ ଘଣ୍ଟାକୁ ଦେଖୁଥିଲା । ୨ ଟା ୩୦ ବାଜିଲାଣି ଜେଜେମା ଖାଇନଥିବ ତାକୁ ଅପେକ୍ଷା କରି ବସିଥିବ । ଆଜି ତା ଯୋଗୁଁ ତା ଜେଜେ ମା'ର ଔଷଧ ଓ ଭାତ ଖାଇବା ଡେରି ହୋଇଯିବ ।

ଇତି ଓଟୋ ରେ ବସି ଭାବୁଥିଲା ,୮୫ ବର୍ଷ ବୟସରେ ଜେଜେ  ମା' ବୁଢ଼ୀ ଶଯ୍ୟାଶାୟୀ । ଜେଜେ  ମା'ର ସବୁ ଦାୟିତ୍ୱ ଇତି ଉପରେ । ଇତି ଉପରେ କେହି ଜବରଦସ୍ତି ଦାୟିତ୍ୱ ନଦି ଦେଇନଥିଲେ ବରଂ ନିଜସ୍ୱ ଇଛାରେ  ମା'ର କାମ ସବୁ କରୁଥିଲା । ଇତିଶ୍ରୀ ତା ନିତିଦିନିଆ କାମରେ ମା'ର କାମକୁ ସାମିଲ କରିନେଇଥିଲା । +୩, ୨ବର୍ଷର ପାଠ ସହ ମା"ର ସବୁ ଦାୟିତ୍ୱ ସୁରୁଖୁରୁରେ ତୁଲାଇ ପାରୁଥିଲା । ସକାଳୁ ଉଠି ମା'କୁ ଶେଯରୁ ଉଠେଇ ଅଗଣାରେ ପିଢା ପକେଇ ବସେଇବା ,ପାଣି ପିଆଇ ଦେବା ,ପାଇଖାନା ନେବା, ଦାନ୍ତ ଘଷେଇ ଦେବା ଇତ୍ୟାଦି କରୁଥିଲା ।  ଦାନ୍ତ ଘସେଇ ସାରିବା ପରେ ପଚାରୁଥିଲା ଦାନ୍ତ ଦେଖେଇ ମା' ସଫା ହେଲାକି ନାଇଁ ।ଘଷି ଦେଇ ସଫା ସୁତୁରା କରି ପାଣିଢାଳି ଗାଧୋଇ ଦେଉଥିଲା । ସତେ ଯେମିତି ଗୋଟେ ମା' ତା ଛୁଆ କୁ ଗାଧୋଇ ଦେଉଛି । ମା'କୁ ଗାଧୋଇ ସାରି ପୋଛି ପାଛି ଲୁଗା ପିନ୍ଧେଇଦେଉଥିଲା । ପାଉଡର ମାରି ସଜେଇ ଦେଉଥିଲା ଓ ମୁହଁକୁ ଚାହିଁ ଭାରି ଖୁସି ହେଉଥିଲା । ଠିକ ଯେମିତି ଗୋଟେ ମା'ତା ଛୁଆକୁ ସଜେଇ ହୋଇଥିବା ଦେଖି ଖୁସି ହୁଏ । ହର୍ନରେ ଇତିର ଧ୍ୟାନ ଭାଙ୍ଗିଲା । ଅଟୋ ବାଲା ତାକୁ ଓହ୍ଲେଇବାକୁ କହୁଥିଲା । ସେ ଓହ୍ଲେଇ ଅଟୋ ଭଡା ଦେଇ ଏକ ରକମ ଦଉଡିବାରେ ଲାଗିଲା । 2 ମିନିଟରେ ଘରେ ପହଞ୍ଚିଗଲା ।

ମା' ଇତିକୁ ଦେଖି ତା ଶୁଖିଲା ମୁହଁରେ ହସ ଫୁଟି ଉଠିଲା ।କହିଲା ;ମା ଲୋ ତୁ ଆସିଗଲୁ ? ଜେଜେମା ପାଟି ଶୁଣି ବୋଉ ବାହାରି ଆସି କହିଲେ "ଇତି ଏତେ ବେଳ ଯାଏ କୁଆଡେ ଥିଲୁ" ? ମା'ଙ୍କ ଖାଇବା ,ଔଷଧ ବେଳ ଗଡିଗଲାଣି ।ଇତି ପଚାରିଲା "ମା' ଏଯାଏ ଖାଇନି"।ବୋଉ କହିଲା;"ତୁ ନଆସିବା ଯାଏ ସେବା କେବେ କଣ ଖାଆନ୍ତି "?ମା'କୁ ନେଇ ଚେୟାରରେ ବସେଇ ଖୁଆଇ ଦେଲା ଖୁଆଇ ଦେଉ ଦେଉ ପଚାରିଲା ;"ବୋଉ ଆଜି ମା ଫଳ ଖାଇନି କି" ? ବୋଉ କହିଲେ; "ଦେଇଥିଲି, ହେଲେ ସିଏ ମନା କଲେ ଖାଇବାକୁ" ," ବାଧ କରିବାରୁ ରାଗିଲେ"।ବୁଢ଼ୀ ମା' ଆନନ୍ଦରେ ଖାଉ ଖାଉ କହିଲା;" ଆଜି ତୋ ବୋଉ ମତେ ଖାଇବାକୁ ଦେଇନି " ଇତି ଓ ବୋଉ ମୁରୁକି ହସୁ ଥିଲେ ।କାରଣ ସେ ଜାଣିଥିଲେ ଯେ ମା'ର ସ୍ମରଣ ଶକ୍ତିନଥିଲା | ସେ ପ୍ରାୟତଃ କଥା ଭୁଲି ଯାଉଥିଲା |ଏମିତିକି ରାତିରେ ଏକ କରି ବାହାରକୁ ଗଲେ ଶୋଇବା ଘର ବାଟ ଭୁଲି ଯାଉଥିଲା |

ବୁଢ଼ୀ ମା ଆଖିରେ ଲୁହଥିଲା | ଇତି ପଚାରିଲା; "କଣ ହେଲା  "କାନ୍ଦୁଛୁ କାଇଁକି "? "ଯଦି ତୋ ପରିକା ନାତୁଣୀ ସମସ୍ତଙ୍କ ପାଖରେ ଥାନ୍ତା ତେବେ କେହି ହଇରାଣ  ହୁଅନ୍ତେନି" | "କିନ୍ତୁ ମୋ ପରି କଣ ସମସ୍ତେ ଭାଗ୍ୟବାନ" ? "ଆଜି କାଲି ତୋ ପରି ସେବା କିଏ କରୁଛି" ମା'ର ପ୍ରଶଂସା ଓ ଜେଜେଙ୍କ କଥା ଶୁଣି ତା ମନ ଛିନ୍ନ ବିଛିନ୍ନ ହୋଇଗଲା ତା ବିବେକକୁ ବିଷଧର ସର୍ପ ପରି ମା' କଥା ପଦକ ଦଂଶନ କରି ଚାଲି ଥିଲା | ଇତି ଭାବୁଥିଲା ଜେଜେ ଥିଲା ବେଳେ କରିଥିବା ଭୁଲ ତାକୁ ଆଜିବି ଗୋଡ଼େଇଚି | ସେ ନିଜକୁ କେବେବି କ୍ଷମା କରି ପାରିବନି |

ଇତି ଭାବୁଥିଲା ବର୍ଷେ ପୂର୍ବରୁ ସେ ଏମିତି ନଥିଲା |ସେ ଥିଲା ମର୍ଡନ ଝିଅ | ସାଙ୍ଗ ସାଥି ,ମୋବାଇଲ ଗପ , ବୁଲା ବୁଲି ଏ ସବୁ ଥିଲା କାମ | ହୁଁ କଣ ନା ମର୍ଡନ ! ଜେଜେ ଥିଲା ବେଳେ ଇତିକୁ ସବୁବେଳେ କୁହନ୍ତି; "ନିରେଖିବା ଆଗରୁ ତନୟ ମୁଖ ,ଲଭିବୁ ତନୟ ପାଳନ ସୁଖ " | ମାତା ସୀତା ଯେତେବେଳେ ଋଷି ବାଲ୍ମୀକି ଆଶ୍ରମରେ ଥିଲେ ,ଋଷି ତାଙ୍କୁ ଏ ଉପଦେଶ ଦେଇଥିଲେ | "ୟାର ମାନେ କଣ ଜାଣିଚୁ "? ଇତି "ନା" କୁହେ | ଇତି ଜାଣିନଥିଲା କି ତାର ଜାଣିବାକୁ ବି ଇଚ୍ଛା ନଥାଏ |ବାଧ୍ୟରେ ଶୁଣେ |"ମାତା ସୀତା ସେତେବେଳେ ଅନ୍ତଃସତ୍ୱା ଥିଲେ ତେଣୁ ବାଲ୍ମୀକି ତାଙ୍କୁ କହିଲେ ଦେବୀ ସୀତା ତୁମେ ନିଜ ସନ୍ତାନର ମା' ହେବା ପୂର୍ବରୁ ଆଶ୍ରମ ବୃକ୍ଷ ମାନଙ୍କର ମା' ହୋଇ ସନ୍ତାନ ସୁଖ ଲାଭ କର ଓ ସେମାନଙ୍କ ଦେଖା ଶୁଣାକର | "ତେଣୁ ତୁ ବି ମାତା ସୀତା ପରି ମୋ ଦେଖା ଶୁଣା କର" କହି ହସିଦିଅନ୍ତି| ଇତିକୁ କଥା ଗୁଡା ବିଷ ପରି ଲାଗେ |



ସେଦିନ ଜେଜେଙ୍କର ରୁଟିନ ଚେକଅପ ପାଇଁ ମେଡିକାଲ ଯିବାର ଥିଲା |ସେ ଇତିକୁ ଡାକିଲେ;" ଇତି" , "ଏ ଇତି ","," ଇତି ଲୋ" , "ମା ଇତି " | ଇତି ଫୋନରେ ବ୍ୟସ୍ତ ଥିଲା , କିଛି ଉତ୍ତର କଲାନି କି ଚାହିଁଲାନି ବି |ମନେ ମନେ ଭାବିଲା ବୁଢା ପୁଣି ସେଇ ମାତା ସୀତା ଗପ ଶୁଣେଇବ | ହେଲେ ତା କାନ ବନ୍ଦ ନଥିଲା , ଜେଜେ ଙ୍କ କଥା ତା କାନକୁ ଶୁଭୁଥିଲା |ଜେଜେ ତା ଉତ୍ତର କୁ ଅପେକ୍ଷା ନ କରି କହିଲେ ; "ମୁଁ ଆଉ ବଞ୍ଚିବିନି" | ଜେଜେ ଙ୍କ ସ୍ୱର ରେ ବହୁତ ନିରାଶା ଓ କଷ୍ଟ ଲୁଚି ରହିଥିଲା | ଇତି ମଧ୍ୟ ଅନୁଭବ କରିଥିଲା ହେଲେ ମୋବାଇଲ ମାୟାରେ ବାୟା, କିଛି କହି ନଥିଲା |" ତୁ ଚାଲେ ଆଜି ମୋ ସାଙ୍ଗେ ହସ୍ପିଟାଲ ଯିବୁ",ଇତି ମନା କଲା,ଜେଜେ ଧୋତି ପିନ୍ଧିବାହାରିଲେ ଓ କହିଲେ ମୁଁ ଯାଉଛି , ଇତି ବିରକ୍ତ ହୋଇ କହିଲା ହଉ ଯାଅ | ସେ ଜାଣି ନଥିଲା ଯେ ସେଇଟା ତାର ତା ଜେଜେ ଙ୍କ ସହିତ ଶେଷ କଥା ବୋଲି |ରାସ୍ତାରେ ହଠାତ ଦେହ ଖରାପ ହେବାରୁ ଜେଜେ i c u ରେ ଭର୍ତ୍ତୀ ହୋଇଛନ୍ତି ବୋଲି ଭାଇ କହିଲା ଫୋନ କରି ଓ ୭ ଦିନ ପରେ ଜେଜେ ଚାଲିଗଲେ |

ମଣିଷ ବଂଚିଥିଲା ବେଳେ କଥାର ମୂଲ୍ୟ ବୁଝେନା| ମରିଗଲା ପରେ ମୂଲ୍ୟ ବୁଝିଲା ବେଳକୁ କିଛି ନଥାଏ | ଇତି ବି ନିଜ କୃତ କର୍ମ ପାଇଁ ବହୁତ ଅନୁତପ୍ତ ଥିଲା | ତାର ଇଚ୍ଛା ହେଉଥିଲା ଜେଜେ ଫେରି ଆସନ୍ତେ କି ,ସେ ତାଙ୍କ ଗୋଡ ଧରି ତଳେ ପଡି ମୁଣ୍ଡ ପିଟି ଭୁଲ ମାଗନ୍ତା | କ୍ଷମା କରିଦିଅ ବୋଲି କାକୁତି ମିନତି କରନ୍ତା |କିନ୍ତୁ ନେଡିଗୁଡ଼ କହୁଣୀ କି ବୋହିଗଲା ପରେ କେବଳ ଅନୁଶୋଚନା ହିଁ କରିହୁଏ ଏବଂ ଇତି ପାଖରେ ପଶ୍ଚାତାପ ଛଡା ଅନ୍ୟ ବାଟ ନଥିଲା | ହୁଏତ ଇତି ମଧ୍ୟ ପଶ୍ଚାତାପ ଅଗ୍ନିରେ ଜଳି ପରିବର୍ତନ ହେଇ ଥିଲା | ଫଳ ସ୍ୱରୂପ ଜେଜେଙ୍କ କଥା ମାନି ମାତା ସୀତା ପାଲଟି ଯାଇଥିଲା ଜେଜେମା ପାଇଁ |

ଆଲୋ ଇତି ତୁ ଏଠି ବସିଛୁ ? ମା'ର ଡାକ ଇତିକୁ ଭାବନା ରାଜ୍ୟରୁ ଟାଣି ଆଣିଲା | ମା'କହିଲା "ମୋ ଦେହ ଭଲ ଲାଗୁନି ମୁଁ ଆଉ ବଂଚିବିନି" | ଇତି ଚମକି ପଡିଲା , ମା'କୁ ଆଲିଙ୍ଗନ କରିନେଲା |ତା କଣ୍ଠ ବାଷ୍ପକୁଳ ହୋଇ ଆସିଲା | ସେଦିନ ସନ୍ଧ୍ୟା ବେଳ ଇତିର ଭାରି ମନରେ କଟିଲା | ରାତି ଖାଦ୍ୟ ସାରି ଇତି ମା'କୁ ଶୋଇବା ଘରକୁ ନେଇଗଲା | ମା କହିଲା ; "ତୁ ବି ଏଠି ଶୁଅ", କାଇଁ ଛାତି ଟା ରୁନ୍ଧିହେଇ ଯାଉଛି |ଇତି "ହଁ" କହି ଶୋଇଲା |ହଠାତ ରାତିରେ ଇତିର ନିଦ ଭାଙ୍ଗିଲା ରୁ ଦେଖିଲା ମା' ଶେଯରେ ନାହିଁ | ସେ ଚିନ୍ତାରେ ଉଠି ଆସିଲା , ଦେଖିଲା ଦୁଆରରେ କିଏ ଗୋଟେ ବସିଛି | ଇତି ଛାନିଆ ହୋଇଗଲା , ଲାଇଟ ଜଳେଇ ଦେଖିଲା ମା' ବସିଛି| ଇତି କହିଲା "ଏଠି ବସି ତୁ ମତେ ଡରଉଛୁ "?ମା ବ୍ୟସ୍ତ ହୋଇ କହିଲା ;"ନାଇଁ ମୁଁ ଏକ ଆସିଥିଲି ଯିବାକୁ ଆଉ ବାଟ ପାଉନି" | "ହଉ ଚାଲେ" , ମତେ ନ ଡାକି କାଇଁ ଆସିଥିଲୁ କହି ଦୁହେଁ ଗଲେ ଶୋଇବାକୁ |ମା' କହିଲା ମତେ ଟିକେ ପାନ ଦେଲୁ କାଇଁ ନିଦ ଆସୁନି | ଇତି ମନା କରୁଥିଲା ,ମା' ଅଝଟ ହେବାରୁ ଦେଲା | ମା' ତା ମୁଣ୍ଡରେ ହାତ ବୁଲେଇ କହିଲା ତୋରି ହାତରେ ପାଣିପାଇ ମୁଁ ମରିବି ହଉ ତୁ ଶୁଅ",କହି ମାକୁ ଶୋଇଦେଇ ନିଜେ ତଳେ ଶୋଇଗଲା | କିନ୍ତୁ ତାକୁ ନିଦ ଆସୁନଥିଲା | ମା ହଠାତ ଜୋରରେ କାଶିବାକୁ ଲାଗିଲା |ଇତି ଉଠିଆସି କହିଲା ;"ତତେ ମନା କଲି ପାନ ଖାଆନା ବୋଲି ,ଦେଖିଲୁ ତଂଟିରେ ଲାଗିଲା" | ଲାଇଟ ଜଳେଇ ପାଣି ଗ୍ଲାସ ଧରି ଦୌଡିଲା ମା' ପାଖକୁ |ମା' ପାଟିରେ ପାଣି ଦେଲା |ମା' ଟିକେ ପିଇଲା ଆଉ ପାଣି ବାହାରି ଆସିଲା | ଏହା ଦେଖି ଇତି ହାତରୁ ଗ୍ଲାସ ଖସିପଡିଲା | ସେ ମା' ବୋଲି ଚିତ୍କାର କଲା | ଶବ୍ଦ ଶୁଣି ଭାଇ, ବୋଉ, ବାପା ଉଠିଆସିଲେ | ମା' ର କଣ ହେଲା ସିଏ ପାଣି ପିଉନି କହି ଇତି କାନ୍ଦି ଉଠିଲା | ବାପାଙ୍କୁ ଗାଡି ବାହାର କରିବାକୁ କହି ଭାଇ ମା'କୁ ଦୁଇ ହାତରେ ଟେକି କୋଳରେ ଧରି ଦୌଡିଲା ହସ୍ପିଟାଲ | ଇତି ଦୁଆର ମୁହଁରେ ଠିଆ ହୋଇ ଅନେଇ ଥାଏ | ସିଏ ଜାଣିଥିଲା ଜେଜେଙ୍କ ପରି ମା'ବି ଆଉ ଫେରିବନି| ତା ମୁଣ୍ଡରେ କେତେ କଥା ଘୁରି ବୁଲୁଥିଲା | "ନିରେଖିବା ଆଗରୁ ତନୟ ମୁଖ ଲଭିବୁ ତନୟ ପାଳନ ସୁଖ" | ଜେଜେଙ୍କ ପାଇଁତ ସିଏ ମାତା ସୀତା ହୋଇପାରିଲାନି, ହେଲେ ସିଏ ତା ବୁଢ଼ୀ ସନ୍ତାନର ପାଳନରେ ଅବହେଳା କରିନି ତ? ଭଗବାନଙ୍କୁ ଡାକୁଥିଲା ତା' ବୁଢ଼ୀ ସନ୍ତାନକୁ ଭଲ କରି ଦେବାକୁ |ଲୁହର ଶ୍ରାବଣ ତା' ଚକ୍ଷୁ ପଲକକୁ ଭିଜଉ ଥିଲା |



Bratati Priyadarshini Swain Choudhury is a home maker based in Kuala Lumpur.She likes Reading and writing stories and dancing.

# ଅସହିଷ୍ଣୁତା

**by Santosh Mishra**



**Santosh mishra**

ଜଣେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ, ସାବିତ୍ରୀ , ବିଭାବନା , ପ୍ରଭା ଆଦି ଅନେକ ପତ୍ରିକା ଓ ଧରିତ୍ରୀ, ପ୍ରଜାତନ୍ତ୍ର, ସମାଜ, ଆଦି ସମ୍ବାଦ ପତ୍ର ମାନଙ୍କରେ କବିତା ଓ କ୍ଷୁଦ୍ର ଗଳ୍ପ ପ୍ରକାଶିତ ହୋଇଛି

ଆଜିକାଲି ଗୋଟିଏ ବିଷୟରେ ସବୁଆଡେ ଚର୍ଚ୍ଚା। କଥା କଥାରେ ତାର ଦୃଷ୍ଟାନ୍ତ ।ସେ ରାଜନୀତି ହେଉ ଅବା ସାଧାରଣ ସାମାଜିକ ଜୀବନ, ସେ ସାହିତ୍ୟ ହେଉ କି ବିଜ୍ଞାନ, ସବୁଠି ତା'ର ଗୁରୁତ୍ୱ। ତାହା ହେଲା ଅସହିଷ୍ଣୁତା ।ଏହି କେତେବର୍ଷ ହେଲା ଅସହିଷ୍ଣୁତା ଉପରେ ତର୍କ ଖୁବ୍ ଜୋର ଧରିଛି ।ମୋ ମତରେ ଏହି ଶବ୍ଦର ଖୁବ୍ ରାଜନୀତିକରଣ ହେଇ ଚାଲିଛି ।ତେବେ ଯେ କୌଣସି ତର୍କ ପୂର୍ବରୁ ପ୍ରଥମେ ଆମେ ଧ୍ୟାନ ଦେବା ଅସହିଷ୍ଣୁତା କହିଲେ ସାଧାରଣ ଭାବରେ ଆମେ କ'ଣ ବୁଝିବା। ବିଭିନ୍ନ ଭାଷାବିତ୍ ମାନେ ଉଲ୍ଲେଖ କରିଥାଆନ୍ତି ଯେ ନିଜ ଛଡା ଅନ୍ୟ କେହି ଜଣଙ୍କର ବା ଅନ୍ୟ କୌଣସି ଗୋଷ୍ଠିଙ୍କର ଇଛା, ସଂସ୍କୃତି, ଆଚାର-ବ୍ୟବହାର, ଧାର୍ମିକ ବିଶ୍ୱାସ ଓ ଭାବନା, ତଥା ମତାମତ ଆଦି କୁ ନିଜେ ଗ୍ରହଣ କରିବାର ଦୁର୍ବାର ଅନିଛା (acute unwillingness) କୁ ଆମେ ଅସହିଷ୍ଣୁତା କହୁଛୁ ଏବଂ ଉପରୋକ୍ତ ବିଷୟଗୁଡିକ ଉପରେ ଏକତ୍ର ବା ଅଲଗା ଅଲଗା ଭାବରେ ନିଜ ମନ ଭିତରେ ଅଯଥା ଅହେତୁକ ବିପଦର ଆଶଙ୍କା ସୃଷ୍ଟି ହେବା ହିଁ ମଣିଷ ମନରେ କ୍ରମ ବର୍ଦ୍ଧିଷ୍ଣୁ ଅସହିଷ୍ଣୁତାକୁ ଜନ୍ମ ଦେଇଥାଏ।

ଅସହିଷ୍ଣୁତା ଆଜି ଯେ ଲୋକ ଲୋଚନକୁ ଆସି ଯାଇଛି ତାହା ନୁହେଁ, ଏହା ଯୁଗ ଯୁଗ ଧରି ରହି ଆସିଛି, ଏବେ କେବଳ ତା'ର ବିଚାର ଶୈଳୀ ଓ ବର୍ଣ୍ଣନା ଚାତୁରୀରେ କିଛି ମାତ୍ରାରେ ପରିବର୍ତ୍ତନ ଓ ଭିନ୍ନତା ବିଶେଷ ଭାବରେ ପରିଲକ୍ଷିତ ହେଉଛି ।ଏହି ପରିପ୍ରେକ୍ଷିରେ ସହଜରେ ଅନୁମାନ କରାଯାଇପାରେ କି ଆମର ମହାନ୍ କିମ୍ବଦନ୍ତୀ ପୌରାଣିକ ଗ୍ରନ୍ଥ ମହାଭାରତ ଓ ରାମାୟଣ ମଧ୍ୟ କୌଣସି ନା କୌଣସି ଅସହିଷ୍ଣୁତାରୁ ସୃଷ୍ଟ କଥାବସ୍ତୁ ।ମହାଭାରତକୁ ଆମେ ରାଜନୈତିକ ଅସହିଷ୍ଣୁତା ଜନିତ ଘଟଣା ଓ ରାମାୟଣକୁ ସାମାଜିକ ଅସହିଷ୍ଣୁତା ଜନିତ ଘାଟଣାର ବର୍ଣ୍ଣନା ବା କାହାଣୀ ବୋଲି ବର୍ଗୀକରଣ କରି ପାରିବା ଭଳି ଉପାଦାନ ଏହି ପବିତ୍ର ଗ୍ରନ୍ଥ ଦ୍ୱୟର କଥାବସ୍ତୁରୁ ହିଁ ମିଳି ପାରିଥାଏ ।ଏହା ସଂପୂର୍ଣ୍ଣ ଭାବେ ମୋର ବ୍ୟକ୍ତିଗତ ମତ । ଯଦି ମୁଁ କିଛି ଭୁଲ କହୁଥାଏ ତେବେ ମୋତେ ପାଠକ ବନ୍ଧୁମାନେ ସଂଶୋଧନ କରିଦେବେ ବୋଲି ମୁଁ ଆଶା କରିବି।

ତେବେ ଏମିତି ଏକ ପରିସ୍ଥିତିରେ ଅସହିଷ୍ଣୁତାର କାରଣ ଖୋଜିବାର ତ ନିଶ୍ଚୟ ଆବଶ୍ୟକତା ରହିଛି।କାରଣ ଏହା ନିର୍ବିବାଦରେ ସମାଜରେ ଘୃଣାଭାବର ପ୍ରସାର କରିବା ସହିତ ସମାଜକୁ ବିଶୃଙ୍ଖଳିତ କରିଥାଏ । ଅନେକ ବୁଦ୍ଧିଜୀବୀ ମତ ଦିଅନ୍ତି ଯେ ଆମେ ଆବଶ୍ୟକତା ଠାରୁ ଅଧିକ (ମାତ୍ରାଧିକ୍ୟ ) ଆଦର୍ଶବାଦୀ ହେଇ ପଡିବା ଓ ଆଦର୍ଶବାଦର ଜଘନ୍ୟ ଅପରାଧିକରଣ କରାଯିବା ହିଁ କ୍ରମ ବର୍ଦ୍ଧିଷ୍ଣୁ ଅସହିଷ୍ଣୁତାର ମୁଖ୍ୟ କାରଣ ।ଯେତେବେଳେ ଆମେ ଆମର ବିଭିନ୍ନ ନିଜସ୍ୱ ବିଶ୍ୱାସକୁ ଆମର ଅମାନବୀୟ ମତ ସହିତ ମିଶାଇବାକୁ ଚେଷ୍ଟା କରିଥାଉ ସେତେବେଳେ ଏପରି ପରିସ୍ଥିତି ସୃଷ୍ଟି ହେବା ନିହାତି ବାଞ୍ଛନୀୟ । ସେଥିପାଇଁ ଦୁଇଟି କାରଣ ସାମ୍ନାକୁ ଆସିଥାଏ : ୧. କିଛି ନିରୀହତା ଓ ୨. କିଛି ନାଁ କିମ୍ବା ଟଙ୍କା କମେଇବାର ଦୁର୍ବାର ଲାଳସା ।ପୁଣି ଅନେକ ଗବେଷକ ମତ ଦେଇ ଥାଆନ୍ତି ଯେ କିଛି ପରିଚୟଗତ ବିଡମ୍ବନା ( Identity Crisis ) ତଥା କିଛି ନିଜର ସୁରକ୍ଷା ଜନିତ ବିଡମ୍ବନା ମଧ୍ୟ ସ୍ଥଳ ବିଶେଷରେ ଅସହିଷ୍ଣୁତା ବୃଦ୍ଧିର କାରଣ ହୋଇଥାଏ ।ବିଭିନ୍ନ ଗୋଷ୍ଠି ଭିତ୍ତିକ କନ୍ଦଳ, ସେ ଅନ୍ତଃର୍ଦ୍ଵନ୍ଦ୍ୱ ହେଉ ବା ବହିଃର୍ଦ୍ଵନ୍ଦ୍ୱ, ଉପରୋକ୍ତ କିଛି କାରଣର ପର୍ଯ୍ୟାୟଭୁକ୍ତ ହୋଇଥାଏ ଏବଂ ଅସହିଷ୍ଣୁତାର ପୃଷ୍ଠପୋଷକତା କରିଥାଏ।



ଏହା କେବଳ ଆମ ରଜ୍ୟ କି ଦେଶର ସମସ୍ୟା ନୁହେଁ , ଏହା ସମଗ୍ର ବିଶ୍ୱକୁ କବଳିତ କରିନେଇଛି ।ଜାତି, ବର୍ଣ୍ଣ, ଧର୍ମ ଓ ସ୍ୱାର୍ଥାନ୍ଧ ବିଶ୍ୱାସ ଆଦି ଏହି ସମସ୍ୟାକୁ ଦୃଢିଭୂତ କରୁଛି। ଏହି ଅନୁଭବକୁ ବିଦ୍ୱାନ ମାନେ ଅସହିଷ୍ଣୁତାର ପୃଥ୍ୱୀକରଣ ( Globalisation ) ବୋଲି ନାମ କରଣ କରିଛନ୍ତି । ବର୍ତ୍ତମାନ ସାରା ପୃଥିବୀରେ ସୀମାତୀତ ଅସହିଷ୍ଣୁତାରୁ ସୃଷ୍ଟ ଆତଙ୍କବାଦ କାର୍ଯ୍ୟକଳାପ ଓ ଆତଙ୍କବାଦୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହେଇଯାଇଛି । ଆତଙ୍କବାଦକୁ ନେଇ ସର୍ବତ୍ର ସମସ୍ତେ ଚିନ୍ତିତ ।ଆତଙ୍କବାଦ ହିଁ ନିଛକ ଅସହିଷ୍ଣୁତାର କଠୋର ପରିଣାମ ବୋଲି ଆମେ ନିର୍ଦ୍ଦ୍ୱନ୍ଦରେ କହିପାରିବା । ନିଜର ମତକୁ ଅନ୍ୟ ବ୍ୟକ୍ତି , ସମାଜ ବା ରାଷ୍ଟ୍ର ଉପରେ ଲଦି ଦେବାର ନିଶା ସମଗ୍ର ପୃଥିବୀକୁ ଗ୍ରାସ କରିସାରିଛି ।ଅସହିଷ୍ଣୁତାକୁ ନେଇ ସମସ୍ତେ ସମସ୍ତଙ୍କୁ ଆଙ୍ଗୁଠି ଦେଖେଇବାରେ ବ୍ୟସ୍ତ । ନିଜକୁ ତର୍ଜମା କରିବାର ଆବଶ୍ୟକତା ବର୍ତ୍ତମାନ ଖୁବ୍ ଗୌଣ ବିଷୟ ବୋଲି ଜଣାଯାଉଛି । ଏଭଳି



ପରିସ୍ଥିତିରେ ଅସହିଷ୍ଣୁତାର ପରିସମାପ୍ତି କଥା ଚିନ୍ତା କରିବା ଏକ ଅବାଞ୍ଛିତ ପ୍ରୟାସ ବୋଲି ଧାରଣା ଜନ୍ମୁଛି। ଅସହିଷ୍ଣୁତା ତାର କାୟା ବିସ୍ତାର କରି ବିଶ୍ୱ ସମାଜକୁ ଭାଗ ଭାଗ କରିବା ସହିତ, ପରସ୍ପର ପ୍ରତି ରହି ଆସିଥିବା ସମ୍ମାନବୋଧକୁ ସଙ୍କୁଚିତ କରି ପରସ୍ପର ମଧ୍ୟରେ ଶତୃତା ବୃଦ୍ଧି କରିଚାଲିଛି ।କଥାରେ କୁହାଯାଏ ବିଶ୍ୱାସ ମୂଳେ ଏ ଜଗତ। କିନ୍ତୁ ଅସହିଷ୍ଣୁତାରୁ ଜନ୍ମିତ ଆତଙ୍କବାଦ ପରସ୍ପର ବିଶ୍ୱାସକୁ ଭୟ ଓ ଆତଙ୍କର ଆଭରଣ ତଳେ ଲୁଚେଇ ସାରିଛି । ବିଶ୍ୱବାସୀ ବର୍ତ୍ତମାନ ଏକ ସ୍ୱରରେ ପ୍ରାର୍ଥନା କରିଲାଗିଲେଣି ସେହି ସର୍ବ ଶକ୍ତିମାନ୍ ଇଶ୍ୱରଙ୍କୁ ଏବଂ ସମସ୍ତଙ୍କର ଏକ ହିଁ ସ୍ୱର ନିରାଶ୍ରୟ ମାଂ ଜଗଦିଶ ରକ୍ଷ।

କାହିଁ କେତେ ଯୁଗରୁ ସାରା ବିଶ୍ୱରେ ଭାରତ ବର୍ଷ ତାର ବିବିଧ ସାଂସ୍କୃତିକ ପରମ୍ପରା, ବିବିଧ ଭାଷା, ବିବିଧ ବର୍ଣ୍ଣ ଓ ବିବିଧ ସଂପ୍ରଦାୟ ମଧ୍ୟରେ ରକ୍ଷା କରିପାରିଥିବା ସମନ୍ୱୟକୁ ନେଇ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଛି । ଆମର ସାମାଜିକ ଜୀବନରେ ଆମ ଭିତରେ ଯାହା ବି କିଛି ବିଦ୍ୱେଶ ବା ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ତାହା ସର୍ବଦା ସାମୟିକ ଅଟେ ।କିନ୍ତୁ କିଛି ସ୍ୱାର୍ଥାନ୍ଧ ମଣିଷ ତିଳକୁ ତାଳ କରି ଦୁନିଆ ଆଖିରେ ପ୍ରମାଣିତ କରିବାକୁ ଚାହନ୍ତି ଯେ ଆମ ଭିତରେ ଅସହିଷ୍ଣୁତା ଭରି ରହିଛି । ପ୍ରତ୍ୟେକ ଆନ୍ଦୋଳିତ ପରିସ୍ଥିତିରେ ସହଭାଗିତା ଭିତ୍ତିରେ ନିଛକ ଏକ ସାଂସ୍କୃତିକ ସମନ୍ୱୟ ହିଁ ଆମ ଭିତରର ସହିଷ୍ଣୁତାକୁ ବାରମ୍ବାର ଜାହିର୍ କରିଥାଏ । ବସୁଦୈବ କୁଟୁମ୍ବକମ୍ ହେଉଛି ଆମର ସାମାଜିକ ତତ୍ତ୍ୱ ।

ଭାରତ ବର୍ଷ ଏକ ବୃହତ ଗଣତାନ୍ତ୍ରିକ ଦେଶ,ଏ ଦେଶର ଯେଉଁ ସ୍ୱତନ୍ତ୍ର ମର୍ଯ୍ୟଦା ସମଗ୍ର ବିଶ୍ୱ ସଂପ୍ରଦାୟ ଆଗରେ ଆମର ପୂର୍ବ ସୂରୀମନେ ପ୍ରସ୍ତୁତ କରି ଯାଇଛନ୍ତି ତାହାକୁ ରକ୍ଷା କରିବା ବା ଅକ୍ଷୁର୍ଣ୍ଣ ରଖିବା ଆମର ତଥା ଆମର ପରବର୍ତ୍ତି ପିଢିଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।ବର୍ତ୍ତମାନର ସ୍ଥିତିରେ ଅସହିଷ୍ଣୁତା ଉପରେ ଆଲୋଚନା ନକରି ବରଂ ତାର ନିରାକରଣ ଉପରେ ସର୍ବତ୍ର ଆଲୋଚନା ହେବା ନିହାତି ଜରୁରୀ ଅଟେ । ନିଜ ନିଜର ଦୁର୍ବଳତାକୁ ପରଖି ସଂଶୋଧନ କରିନେବା ଅଧିକ ଆବଶ୍ୟକ ଅଟେ। କିଛି ଖଳ ଲୋକଙ୍କର ମନ୍ଦ ବୁଦ୍ଧିରୁ ସୃଷ୍ଟ ଏହି ଆସହିଷ୍ଣୁତା ଭାବକୁ ନିଷ୍ଠୁରତାର ସହିତ ଦମନ କରିଦେବା ଉଚିତ୍ । ଆମଦେଶ ଭାରତ ବର୍ଷର ସଂସ୍କୃତିର ଭିତ୍ତିଭୂମି ହେଲା ବିବିଧତା ଭିତରେ ଏକତା । ଆମର ସମ୍ବିଧାନର ମୂଳ ମନ୍ତ୍ର ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ଓ କର୍ମ ଭିତ୍ତିକ ଆଚରଣରେ ସହନଶିଳତା ଓ ନିରପେକ୍ଷତା । ଆମେ ତେଣୁ ସର୍ବଦା ଆଶା କରିବା ଯେ ଆମ ଭାରତୀୟମାନଙ୍କର ନିଶ୍ୱାସ କି ପ୍ରଶ୍ୱାସରେ ଅସହିଷ୍ଣୁତାର ସ୍ଥାନ ନାହିଁ । ବୈଷମ୍ୟତାକୁ ଆମେ କାୟ-ମନ-ବାକ୍ୟରେ ଗ୍ରହଣ କରିପାରୁନା । ଯେତେବେଳେ କେହି କୁହେ ଯେ ଦେଶରେ ଅସହିଷ୍ଣୁତା ବଢି ଚାଲିଛି ସେତେବେଳେ ଆମର ଛାତି ଭିତର କରତି ହୁଏ ।ସେହି ବେଦନାକୁ ଅନୁଭବ କଲାପରି ମନଟିଏକୁ ଖୋଜାପଡେ । ନଚେତ୍ ଅସହିଷ୍ଣୁ ଭାବର ଅବପାତରେ ସତ୍ତା ଲୋପ ପାଇଯିବାକୁ ଆରମ୍ଭ ହୁଏ । ବିଳମ୍ବରେ ହେଲେ ବି ହେଉ ପଛେ, ଏବେ କିନ୍ତୁ ଏହି ଅସହିଷ୍ଣୁତା ଜନିତ ବୈଷମ୍ୟତାର ଦୂରିକରଣ ବା ନିରାକରଣ ପାଇଁ ବିଶ୍ୱ ବ୍ୟାପି ଚେଷ୍ଟା ଆରମ୍ଭ କରା ଗଲାଣି । ଜାତିସଂଘରେ ଏହି ବିଷୟ ଆଲୋଚନା କରାଗଲାଣି । କାରଣ ବିଭିନ୍ନ ବୈଷମ୍ୟତା ଓ ଅସହିଷ୍ଣୁତା ଜନିତ ଇର୍ଷା ବିଶ୍ୱବ୍ୟାପି ଜନଜୀବନକୁ ପ୍ରଭାବିତ କରି ସାରିଲାଣି । ଯୁଦ୍ଧ ତ ଯୁଦ୍ଧ, ଏବେ ପରମାଣୁ ଯୁଦ୍ଧର ପରୋକ୍ଷ ଭୟ ସମସ୍ତଙ୍କ ମନରେ ଉଙ୍କି ମାରିଲାଣି । ପ୍ରତ୍ୟେକ ରାଷ୍ଟ୍ର ତାଙ୍କର ରାଜକୋଷର ଏକ ସିଂହ ଭାଗ ଆତ୍ମ ସୁରକ୍ଷା ଆଳରେ ପ୍ରତିରକ୍ଷା ବାବଦରେ ଖର୍ଚ୍ଚ କରିବାକୁ ଆରମ୍ଭ କଲେଣି । ସମସ୍ତେ କିନ୍ତୁ ଜାଣନ୍ତି ଯେ ଯୁଦ୍ଧ କୌଣସି ସମୟରେ ଅସହିଷ୍ଣୁତାର ବିଲୋପ ପାଇଁ ଏକ ବିକଳ୍ପ ପନ୍ଥା ନୁହେଁ ।

ଅସହିଷ୍ଣୁତାରୁ ଉପୁଜୁଥିବା ବିଭିଷିକା କୁ ତର୍ଜମା କରି ସମାଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖିପାରିଲେ ଅସହିଷ୍ଣୁତାର ଦୂରିକରଣ ସମ୍ଭବ ହୋଇପାରେ । ବ୍ୟାପକ ଭାବରେ ପାରସ୍ପରିକ ସମ୍ପର୍କରେ ଉନ୍ନତ୍ତି ଆଣିବା ପାଇଁ ଆମେ ସଚେତନ ହେବା ନିହାତି ଜରୁରୀ କାରଣ ତାହା ହିଁ ଆମର ବୈଦିକ ସମାଜର ଗୋଷ୍ଠିଭିତ୍ତିକ ଜୀବନର ମୂଳମନ୍ତ୍ର । ତେବେ ଡେରି କାହିଁକି କରିବା ? ଆସନ୍ତୁ ସମସ୍ତେ ମିଶି ଆଧୁନିକ ଜୀବନ ଶୈଳୀକୁ ପରିବର୍ତ୍ତନ କରି ପୁରାତନ ସହଭାଗଭିତ୍ତିକ ଏକ ଇର୍ଷା ଓ ଦ୍ୱେଷ ମୁକ୍ତ ବୈଦିକ ମୂଲ୍ୟବୋଧ ଭିତ୍ତିକ ସାମାଜିକ ଜୀବନକୁ ଆପଣେଇ ନେଇ ଅସହିଷ୍ଣୁତାକୁ ଦୂର କରିନେବା । ମନେ ରଖିବା ଯେ ବୁଝି ବିଚାରି କାମ କଲେ ବିପଦ ନ ପଡଇ ଭଲେ ।

# ନାରୀ ପାଇଁ ପଦେ

**by Lipsa Sahoo**

ନାରୀ ହିଁ ସୃଷ୍ଟି ନାରୀ ହିଁ ସ୍ରଷ୍ଟା
ନାରୀ ହିଁ ଜନ୍ମଦାତ୍ରୀ ,ନାରୀ ହିଁ ଅଟେ ସଂହାରକାରିଣୀ |ଯୁଗେ ଯୁଗେ ରହି ଆସିଛି
ନାରୀର ଯେ କେତେ ଗାଥା
ହେଲେ ଆଜି ନାରୀ ଅଟେ ଅବହେଳିତା ଓ ନିଁଦିତା |
ପୁତ୍ର ଟିଏ ଜନ୍ମ ହୋଇଲେ ଆଜିର ସମାଜେ ଭାବନ୍ତି ବଂଶ ବଢାଇବ
ନାରୀ ବିନା ଯେ  ଅସମ୍ଭବ ସେ କଥା ଯେ ଏ ମୂର୍ଖ ମନୁଷ୍ୟ କି ବୁଝିବ |
ଭାଗ୍ୟରେ ଥିଲେ ପୁତ୍ର ମିଳଇ,ସୌଭାଗ୍ୟରେ ଥିଲେ ନାରୀ
ହେଲେ ଏ ନିଷ୍ଠୁର ମଣିଷ ଲିଙ୍ଗ ଯାଞ୍ଚ କରି ନାଶେ ନିରୀହ ଜୀବନ |
ସମସ୍ତଙ୍କୁ ଦରକାର ମା',ସ୍ତ୍ରୀ  ଓ ଭଉଣୀ ,ଦରକାର ନାହିଁ ଝିଅ
ପୁଅ ହେଲେ ଲୋକ ଖୁସିରେ ଫୁଲନ୍ତି ଝିଅ ହେଲେ ବଢଇ  ଚିନ୍ତା |
ଅସୁରକ୍ଷିତ  ନାରୀ ଆଜିବି ଅଧିକ ଶିକାର ହୁଏ ବଳାତ୍କାରୀ ହାତେ ,
ବଳାତ୍କାରୀ ନିଜେ ଅଟଇ ପୁରୁଷ ହେଲେ ନାରୀ ହୁଏ ଅପମାନିତା |
ସେ ଶୁଭ ଦିନ ସତେକି ଆସିବ ପୁଅ ଟିଏ ପାଇଁ ଏତେ ଓଷା ବାର ବ୍ରତ ଝିଅ ପାଇଁ ବି
ହୋଇବ |
ନାରୀ ନିଜେ କରେ ସେହି ଓଷା ବ୍ରତ ପୁଅ ଟିଏ ହେବ ପାଇଁ  ନାରୀ ହିଁ ଅଟଇ ଶତ୍ରୁ
ବୁଝାଇବ କିଏ କାହାକୁ |



Lipsa Sahoo hails from Cuttack. She is passionate about writing poems and short stories.



# କେନ୍ ଯୁଗେ ସିନା

**by Pradeep Ranjan Panigrahi**

ପ୍ରଭୁ!!
-- କେନ୍ ଯୁଗେ ସିନା ଡାକ୍ ସୁନି କରି ନର୍ ଦୁ ଥିଲ ଘାଏ କେ
ଇ ଯୁଗେ ତୁମର୍ ଟା ତୁମ୍ କୁ ଅସମ୍ଭାଲ ସାହା ହେବ ତୁମେ କାହାକେ ?

--ଭକତ୍ ଲାଗି ଗିରି ଗୋବର୍ ଧନ୍ ପାହାଡ୍ ଥିଲ ଟେକି
ଗୁଦିନୁ ତୁମର୍ ପଡୁଛେ ପଥର୍ ଆଏଜ୍ ନାଇଁ ପାରୁଛ ରଖି
କିଏ ନେଇଗଲା ବଲ ବଫୁ କି ଡ଼ରୁଛ କାହାକେ
କେନ୍ ଯୁଗେ ସିନା ଡାକ୍ ସୁନି କରି ନରଦୁ ଥିଲୁ ଘାଏ କେ

--ଗୁଟେ ଦୁରପଦୀ ର ଲାଜ ରଖିଥିଲ
କୋଟି ବସ୍ତର୍ ଦେଇ ,
କୋଟି କୋଟି ଲୁକର୍ ଇଜ୍ଜତ ଯାଉଛେ ଆଏଜ୍ ବସ୍ତର ନାଇଁ ପାଇ
ପାଖେ ନାଇନ ବସ୍ତର କି, ନାଇଁ ଦିଶୁଛେ ଆଏଁ ଖି କେ
କେନ୍ ଯୁଗେ ସିନା ଡାକ ସୁନି କରି ନର୍ ଦୁ ଥିଲୁ ଘାଏ କେ

-- ସୁଦାମାର୍ ଠାନୁ ଖୁଦ୍ ମୁଠେ ଖାଇ ଧନେ ଦେଇଥିଲ ଛାଇ
ଚକୁଆ ପାକୁଆ ଦେଲେ ଭିଲ୍ ଆଏଜ୍ କାଏଁଜେ ଶୁନୁଛ ନାଇଁ
ପାଖେ ନାଇନ ଧନ୍ ଦରବ୍ କି ନାଇନ ମନ୍ ଦେବାର କେ
କେନ୍ ଯୁଗେ ସିନା ଡାକ ସୁନି କରି ନାରଦଉ ଥିଲ ଘାଏ କେ

--ଗୁଟେ କସଂ୍ ଗୁଟେ ରାବଣ୍ ମାଏଲ ନାଇଁ ସହି ପାରି ଦାଉ
ଘରେ ଘରେ କଂସ ରାବଣ୍ ମାତିଛନ କେତେ ମଜା ଦେଖବ ଆଉ
ତାଙ୍କର କବଲୁ ଦୁନିଆ କେ ରଖି ଉଡ ତୁମର ନାଁ ,ବାନା କେ
କେନ୍ ଯୁଗେ ସିନା ଡାକ୍ ସୁନି କରି ନର୍ ଦୁ ଥିଲ ଘାଏ କେ

--ଜାନି ସୁନି କାଏଁ ଅଜନା ହୋଉଛ
କେନ୍ ଦୋଷ ଗୁନ୍ ହା ଦେଖି,ମୁରୁଖ ଛୁଆ ଭାବି ମାଫ୍ କରିଦେଇ
ଦୁନିଆ କେ ଦିଅ ରଖି,ନାଇଁ ବେଲେ କଲି ସବୁ ଦେବା ସାରି
କିଏ ଜପ ବା ତୁମର ନାଁ କେ
କେନ୍ ଯୁଗେ ସିନା ଡାକ ସୁନି କରି ନର୍ ଦୁ ଥିଲ ଘାଏ କେ ।



Pradeep Ranjan Panigrahi is an AIR approved lyricist who has written many poems in Koshali language



# ହେ କାହ୍ନ ଦିଅ ଚେତାବନୀ

**by Manmath Padhi**

ହେ କାହ୍ନ
ନବୀନ ଯୁଗର ବାର୍ତ୍ତାବହ
ତରୁଣ ତରୁଣୀ ପ୍ରାଣେ...
କାହିଁ କେତେ ପ୍ରେରଣା ଯୋଗଅ
ତୁମରି ନିର୍ଦ୍ଦେଶେ..
ମୁରୁଖତ ହେଉଛି ପଣ୍ଡିତ
ଅକବି ବି ପାଲଟୁଛି କବି
ତୁମ କଳେବରେ ଉଦ୍ଭାସିତ ହେଉଅଛି
ସମାଜର ରୀତିନୀତି...
କେତେ ଜୀବନର ପ୍ରତିଛବି ।
ସେ ଥିଲା ଅନ୍ୟ ଏକ କାହ୍ନ
ବର୍ଲିନର୍ ଭାଇ ଭାଇ ମଧ୍ୟେ
ଠିଆ ହୋଇ କରିଥିଲା
ସେ ଦୁର୍ବାର ଜାତିକୁ ବିପନ୍ନ
ସେ ଦେଶର ଶିଳ୍ପ..ସଂସ୍କୃତିକୁ
ଚାହିଁଥିଲା କରିବାକୁ ଧରାରୁ ନିଶ୍ଚିହ୍ନ
ସେ ଦୁର୍ଜେୟ ଜର୍ମାନୀର ଏକତାର ମନ୍ତ୍ର
କରିଦେଲା ସେ କାହ୍ନକୁ ଚୁରମାର୍
ଇତିହାସ ବକ୍ଷେ ଟାଣିନେଲା..
ଅଲିଭା ଓ ସମାପ୍ତିର ଗାର ।
ହେ କାହ୍ନ
ଆଜିର ଏ ପବିତ୍ର ଧରାରେ
କ୍ଷମତା କନ୍ଦଳ ଆଉ ଅଶାନ୍ତିର ଚିହ୍ନ
ସୂଚାଉଛି ଭବିଷ୍ୟତର ଅଶୁଭ ଶକୁନ
(ତେଣୁ ) ଦିଅ ତୁମେ ଚେତାବନୀ
ଅଜ୍ଞାନୀ ମଣିଷେ..
ରହିନାହିଁ ମୁସୋଲିନୀ...ନାହିଁ ହିଟଲର୍
ଭାଙ୍ଗିଅଛି ଜର୍ମାନୀର ବର୍ଲିନ ପ୍ରାଚୀର
ଭାଙ୍ଗିଯିବ ମଣିଷର ଗର୍ବ ଅହଂକାର
ହିସାବ କରିବ ଖାଲିସମୟ ତାହାର ।



ମନ୍ମଥ କୁମାର ପାଢ଼ୀ, ସିନିୟର ପ୍ରୋଜେକଟ ମ୍ୟାନେଜର ,ଷ୍ଟାଣ୍ଡାର୍ଡ ଚାର୍ଟାଡ଼ ବ୍ୟାଙ୍କ ,କୁଆଲଲୁମପୁର ସାହିତ୍ୟଓ ସଂସ୍କୃତିରେ ରୁଚି ରଖିଥିବା ବେଳେ ପରିବାରର ପ୍ରଭାବ ତାଙ୍କୁ ସାହିତ୍ୟାନୁରାଗୀ କରିଛି |

# ଅଷ୍ଟମ ସୁର

ପ୍ରଥମ ଭାଗ

ଆଜି ତାଙ୍କ ଘରେ ଭୋଜି |ଏଇଟା ନୂଆ କଥା ନୁହେଁ, ମହାପାତ୍ର ବାବୁଙ୍କ ପାଇଁ |ସବୁବେଳେ କିଛି ନା କିଛି ଚାଲିଥାଏ |ଥରେ ବିଲେଇ ଛୁଆ ଦେଇଥିଲେ ତା ପାଇଁ ବି ଭୋଜି ହେଇଥିଲା ଆଉ ଆଜି ତ ବଡ ଖବର ଅଛି| ମହାପାତ୍ର ଅଜା ବସିଛନ୍ତି ମିଠା ପାକେଟ ଧରି,ନାତୁଣୀ ଆସିଲେ ନିଜ ହାତରେ ଖୁଆଇବେ | ତାଙ୍କ ଆଠ ବର୍ଷର ନାତୁଣୀ ଶିଖା ଆଜି ରେଡ଼ିଓରେ ଗାଇଛି ଯା ଠୁ ଭଲ ଆଉ ଖୁଶ ଖବର ହେଇ ପରେ କି ?ଗାଁରେ ସମସ୍ତେ ଖୁସି ଅବଶ୍ୟ ମୋତେ ଛାଡି କି | ମୋର ତା ସଫଳତାରେ କିଛି ଯାଏ ଆସେ ନାହିଁ କିନ୍ତୁ ମୋ ବୋଉର ଅଛି , ନହେଲେ ସେ ମୋତେ ଗାଳି କେମିତି ଦେବ | ଶିଖା ଓ ମୁଁ ଏକା ସାଙ୍ଗରେ ବଡ ହେଇଚୁ ,ଖେଳିଛୁ ,ଅବଶ୍ୟ ସେ ସବୁବେଳେ ମୋ ଠୁ ଆଗେ |ତାକୁ ଦେଖି ହିଁ ମୋତେ ପଠାଗଲା ଗୀତ ଶିଖିବାକୁ |ହିଁ ସେଇଟା ଅଲଗା କଥା ସେ ସଂଗୀତ ଶିକ୍ଷା ମାତ୍ର ଦୁଇଟି କ୍ଲାସରେ ଇତି ହେଲା | ତେବେ ଯେବେ ବି ଆକାଶବାଣୀରେ ଶିଖାର ଗୀତ ଆସେ ରେଡ଼ିଓ ଆଗରେ ବସି ଶୁଣିଚି ମୁଁ|

ସେଦିନ କଣ ହେଇଥିଲା କେଜାଣି ଶିଖା ଭାରି ଚୁପ ଥିଲା |ଯିଏ ଯାହା କହିଲେ ବି ଗୀତ ଗାଇବାକୁ ନାରାଜ |ସିଏ ବହୁତ ମନୋଇ ଝିଅ ଥରେ ରାଗିଗଲେ ବୁଝାଇବା ଅସମ୍ଭବ |ଶିକ୍ଷକ କହିଲେ ଆଜି ଶିଖା କୋଉ ସୁରରେ ଗାଇବ |ସେ କିନ୍ତୁ ଚୁପ|"ଅଷ୍ଟମ ସୁର ରେ "..ପାଟିକରି ଉଠିଲି ମୁଁ| ଜାଣିନି କାହିଁକି କହିଲି ସବୁ ବେଳେ କଣ କାରଣ ଖୋଜି କହିବା ଜରୁରୀ | ତେବେ ଯାହା ହେଉ ନା କାହିଁକି ଫିସ କରି ହସିଦେଲା ଶିଖା |ଆଜି ବି ମନେ ଅଛି ସେ ହସ ..ହୁଏ ନା ଏମିତି ..|

ମଧ୍ୟମ ଭାଗ

ଯା ଭିତରେ ଅନେକ ଦିନ ବିତି ଯାଇଥିଲା , ତା ସହିତ ଦେଖା ବାଣୀବିହାର କ୍ୟାମ୍ପସରେ | ଏତେ ବର୍ଷ ପରେବି ସେ ସେମିତି ହସୁଥିଲେ |ସମସ୍ତଙ୍କର ମନ ଜିଣିବା ତାଙ୍କ ପାଇଁ ଟିକେ ବି କଷ୍ଟକର ବ୍ୟାପାର ନଥିଲା |ଏବେ ସେ ଆହୁରି ଭଲ ଗୀତ ଗାଉଛନ୍ତି |କ୍ୟାମ୍ପସ queen କହିଲେ ଅତ୍ୟୁକ୍ତି ହେବନି |ମୋର ଗୀତ ଗାଇବା ତ କେବେ ଠୁ ବନ୍ଦ ହେଇଗଲାଣି ଏବେ ମୁ ଗୀତ ଲେଖିବାକୁ ଚେଷ୍ଟା କରୁଛି |କଥା କଣ କି କାହିଁକି କେଜାଣି ସିଏ ଯାହା କରିବେ ସେଇ ସସବୁକୁ ନେଇ କିଛି କରିବାର ପ୍ରୟାସ ମୋର |ସେତେବେଳେ ବି ଜାଣି ପାରୁନଥିଲି କାହିଁକି ,ଏବେ ବୋଧେ ଜାଣିପାରୁଛି |ବାଣୀବିହାରରେ ସେ ମୋଠୁ ଏତେ ଆଗେଇ ଯାଇଥିଲେ କି ତାଙ୍କ ସହ କଥା ହେବକୁ ବି ଡ଼ର ଲାଗୁଥିଲା |ତଥାପି ସାହସ ବାନ୍ଧି ଦିନେ ତାଙ୍କୁ ଗୋଟିଏ କାଗଜ ଧରେଇ ଦେଇ କହିଲି ମୋ କବିତା ଟିଏ ଟିକେ ସୁର ଦେଇଦେବ କି ?ସ୍ମିତା ହାସ୍ୟ ଟିଏ ଦେଇ ଚାଲିଗଲେ ବହୁତ ଦିନ ଅପେକ୍ଷା କରିଛି, ସବୁ function ରେ ତାଙ୍କ ଗୀତ ବି ଶୁଣିଚି କିନ୍ତୁ ସେ ଗୀତ ନୁହେଁ|

ଆଜି ଶିଖାର ଝିଅ ଦେଖା, ବୋଉ କହିଲା ମୋତେ |କଣ ହେଲା କେଜାଣି ଦୌଡ଼ି ଗଲି ତାଙ୍କ ଘର ଆଡ଼କୁ |ବହୁତ ଲୋକ ଆସିଛନ୍ତି |ମଝିରେ ବସିଛି ଶିଖା ,ତାଙ୍କର ବୀଣାକୁ ଧରି |ଆଉ ସେଇ ସୁଲଳିତ କଣ୍ଠ ରେ ,ସମସ୍ତେ ନିରବ , ମୁଁ ବି |ଗୀତ ସରିଲା ପରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଯେ କି ତାହାର ଭବିଷ୍ୟ ଶଶୁର ହେବେ ଉଦ୍ଘୋଷଣା କଲେ "ମହାପାତ୍ର ବାବୁ ଏଇ ଝିଅ ଟି ଏବେ ଠୁ ଆମର" | ସମସ୍ତେ ହସି ଉଠିଲେ ..ସମସ୍ତେ ବାସ ମୋତେ ଛାଡି , ମୁଁ ସେମିତି ଚାହିଁ ବସିଥାଏ ମଝିରେ ବସିଥିବା ଶିଖାକୁ ,ଅବଶ୍ୟ ସେ ଥରେ ବି ଉପରକୁ ଚାହିଁନି|

ବିବାହ ସରିବାର ପାଞ୍ଚ ଦିନ ହେଇଗଲାଣି ବନ୍ଧୁବାନ୍ଧବ ସବୁ ଗଲେଣି ,ସନ୍ଧ୍ୟାରେ ବସିଛି ଆସର |ସମସ୍ତଙ୍କର ଗୋଟିଏ ଅନୁରୋଧ ଭଲ ଗୀତ ଟିଏ ଗାଇବ ଶିଖା |ଏଇ ଦିନ ପାଇଁ କେତେ ଦିନରୁ କେତେ ଗୀତ ଭାବି ରଖିଛି | ଆରମ୍ଭ କଲା ସେ ଗୋଟିଏ ଭଜନରୁ ସତେ ଯେମିତି ଭଗବାନ ଓହ୍ଲେଇ ଆସିବେ ଏବେ |ସେମିତି ନୀରବତା .. ହଠାତ ଚିତ୍କାର କରି ଉଠିଲେ ତା ଶଶୁର ,ଏଇ ଘରେ ଏ ସବୁ ନାଟ ତାମସା ଚାଲିବନି |ଏଇଟା ଭଦ୍ର ବ୍ୟକ୍ତିଙ୍କ ଘର | ସମସ୍ତେ ଚାଲିଗଲେ ସେମିତି ବସି ରହିଥାଏ ଶିଖା କିଛି ବୁଝି ପାରୁନି ତାକୁ କଣ ହେଉଛି |ବହୁତ ଆଶାରେ ଅନେଇଥିଲା ତା ସ୍ୱାମୀ ଆଡକୁ, ସିଏ ବି ବସିଲେ ତଳମୁହାଁ ହୋଇ |ଉତ୍ତର ମିଳିଗଲା ତାକୁ | ସେଇ ରାତି ତା ଥିଲା ଝଡର ରାତି |ରାତିସାରା କାନ୍ଦିଛି ସେ ଆଉ ରାତିସାରା ଶୋଇଛନ୍ତି ସେଇ ପୁରୁଷ ଯାହା ପାଖରେ ସବୁ କିଛି ଅଜାଡି ଦେଇଛି ସେ |ଅନେକ ଥର ବୁଝେଇବାକୁ ଚେଷ୍ଟା କରିଛି ସେ |ସ୍ୱାମୀ ତାଙ୍କର ଚୁପ ,ବାପାଙ୍କ ନିଷ୍ପତିକୁ ନମାନିବାର ସାହସ କାହା ପାଖରେ ନାହିଁ |ଆଉ ଶିଖା ଭାବୁଥାଏ ଜଣେ ପୁରୁଷ କଣ ଏକାସାଙ୍ଗରେ ସ୍ୱାମୀ ଆଉ ପୁଅ ହେଇପାରିବନି ? ଏଇ ପ୍ରଶ୍ନ କୁ ନେଇ ଏବେ ବି ବଞ୍ଚିଛି ସେ |ସେଇ ଦିନରୁ ଶପଥ ନେଇଛି ସେ ଜୀବନରେ କେବେ ଗୀତ ଗାଇବନି |କେବେ ଭି ନୁହେଁ |ଜୀବନର ସବୁକିଛି ବଂଚେଇ ରଖିଥିଲା ଜଣକ ପାଇଁ ଯଦି ସେ ବୁଝି ପାରିଲେନି ଆଉ କାହାକୁ କହିବ | ଏପରିକି ନିଜ ବାପା ମା ଙ୍କୁ ବି କେବେ କହିନି ଏସବୁ | ନିଜର ସବୁ ଇଛାକୁ ଜଳାଞ୍ଜଳି ଦେଇ ପରିବାରକୁ ଗଢିତୋଳିବା ଏଇ ତ ଶିଖିଚି ସେ ତା ମା' ଙ୍କଠୁ |ଅନେକ ସମୟରେ ଅନେକ ଭାବନା ଆସିଛି କିନ୍ତୁ ସେ ଯେଉଁ ସଂସ୍କାର ପାଇଛି ସେଠି ସେସବୁ ର ସ୍ଥାନ ନାହିଁ|

ଶେଷ

ଦଶ ବର୍ଷ ବିତିଗଲାଣି ତା ଭିତରେ | ସଂସାରର ବୁଢିଆଣୀ ଜାଲରେ ଛନ୍ଦି ହେଇଯାଇଛି କେବେଠୁ | ୮ ବର୍ଷର ଝିଅ ଟିଏ ଖାଲି ଝିଅ ନୁହେଁ ସାଙ୍ଗ ବି |ସ୍ୱାମୀ ସବୁବେଳେ ବ୍ୟସ୍ତ,ଭଲ ଲୋକ ସେ ପରିବାରପାଇଁ ସବୁବେଳେ ବ୍ୟସ୍ତ କିନ୍ତୁ ପରିବାର ପାଇଁ ସମୟ ନାହିଁ ତାଙ୍କ ପାଖରେ | ଏବେ ଝିଅ ଗୀତ



ଗାଉଛି ..ଭଲ ଗାଉଛି . ଗାଇବନି କେମିତି ..କାହାର ଝିଅ ସେ ..ଏଇସବୁ ଭାବି ସେ ଅନେକ ଖୁସି ହୁଏ କିନ୍ତୁ କେବେ ବି  କହିନି କାହାକୁ ,ଏପରିକି ସ୍ୱାମୀଙ୍କୁ ବି  | ସବୁକଥା କଣ ସମସ୍ତଙ୍କୁ କହି ହୁଏ କି , ଯେତେ ନିଜର ହେଲେ ବି |

ଆଜି ମୁ ଓଡ଼ିଶାର ଆଗଧାଡିର ଗୀତିକାର , ଭବନେଶ୍ୱର ଆସିଛି ନୂଆ ପ୍ରତିଭା ଅନ୍ୱେଷଣ ପାଇଁ  ମୁଖ୍ୟ ଅତିଥି ହୋଇ | ହଠାତ ସେ ଗୀତ ଟା ଶୁଣି ଚମକି ଉଠିଲି ମୁଁ | ବହୁତ ଚିହ୍ନା ଚିହ୍ନା ଲାଗୁଥିଲା ଶବ୍ଦସବୁ   | ଏଇ ତ ମୋ କଲମ ର ଭାଷା ..ଲେଖିଥିଲି ଜଣଙ୍କ ପାଇଁ ..ଆଜି ବି ସୁରର ଅପେକ୍ଷା ରେ |

ସିଏ ବି ଚୁପ ..ସେଇ ଆଖି ..ସେଇ ମୁହଁ ..ବାସ ହସ ନଥିଲା |ଜୀବନରେ ଏମିତି କେବେ କେବେ ହୁଏ ଯେତେବେଳେ ଲାଗେ ସମୟଟା ରହିଯାନ୍ତା କି ? ମଂଚ ଉପରେ ଦୁଇଜଣ ଯେମିତି ସ୍ଥାଣୁ ହେଇଯାଇଥିଲେ ..କାହିଁକି କେଜାଣି ...ହଁ ବୋଧେ ଉତ୍ତର ସେଇ ଦୁଇଜଣକୁ ହିଁ ଜଣା

ଓହୋ ଏଇ ତୁମ ଝିଅ... ସେଇଥି ପାଇଁ ଏତେ ସୁନ୍ଦର ଗୀତ ଗାଉଛି ...ମୋ କଥା ନସରୁଣୁ  ଝିଅ ଟି କହି ଉଠିଲା ମାମା ତୁମେ ଗୀତ ଗା ଅ...

“ନା ରେ, ତୁମେ  ଯା ଅ  ବାବା ଅପେକ୍ଷା କରିଛନ୍ତି” |



ଛୋଟ ଛୁଆ ଟିଏ ଏତେ ସୁନ୍ଦର ଗୀତ ଗାଉଛି ବୋଲି ମନ ଟା ଖୁସି ହେଇଯାଉଥିଲେ ବି ମନଭିତରେ ଗୋଟେ ପ୍ରଶ୍ନ  ଉଙ୍କି ମାରୁଥାଏ | ସଭା ସାରିବା ପରେ ଅତି ଖୁସିରେ ଫୁଲତୋଡ଼ାଟି ଧରି ଦୌଡ଼ି ଗଲି ସେଇ ଛୋଟିଆ ଝିଅଟି ପାଖକୁ | କାହିଁକି କେଜାଣି ଲାଗିଲା ଚିହ୍ନିଲା ଭଳିଆ |ଲାଗେ ନା, ଏଇ ଭଳିଆ ଅନେକ ସମୟ ରେ .. କିଛି ଅଚିଂହା ମୁହଁ ଦେଖିଲେ , ଯେମିତି କି କିଛି ସମ୍ପର୍କ ଅଛି |

 ଖୁସିରେ ପିଲାଟି ପରଦା ପଛରେ ଠିଆ ହେଇଥିବା ଜଣେ ମହିଳା ଙ୍କ ଆଡ଼ କୁ ମା’ ମା’ କହି ଦୌଡ଼ି ଗଲା | ମଂଚରେ ସିନା ଆଲୋକ,  ପଛରେ ତା ଅନ୍ଧକାର ନା , ତେଣୁ ପରଦା ପଛର ଲୋକ ଦେଖାଯାନ୍ତିନି | ଜୀବନର ବି ଏଇଆ ହିଁ ସତ୍ୟ କାହାର ସଫଳତା ପଛରେ ଥିବା ବହୁତ ଲୋକ ଦେଖା ଯାଆନ୍ତିନି |
ହାତ ଯୋଡି କହିଲି ଆପଣଙ୍କ ...,ଆଉ କିଛି କହିପାରିଲିନି ..ସମୟ ତା ସ୍ଥିର ହେଇଯାଇଥିଲା , ମୋ ଆଖିଆଗରେ ଅତୀତର ସେଇ ସ୍ୱପ୍ନ ଯାହାକୁ ଆଜି ବି ମୁଁ ଖୋଜୁଥିଲି |

“ତୁମେ ଆଉ ଗୀତ ଗାଉ ନ” .....ଏକ ପ୍ରଶ୍ନିଳ ଆଖିରେ ପଚାରିଲି
ହସେଇଦେଇ କହିଲେ ହଁ ଗାଉଛି ନା  ଅଷ୍ଟମ ସୁର  ..
ସେଇ ହସ ଟା କିନ୍ତୁ ଆଗ ଭଳି ନଥିଲା ..ଲାଗୁଥିଲା ସତେ ଯେମିତି ଗ୍ରହଣ ଲାଗି ଯାଇଛି ..ନିଷ୍ଠୁର ସମୟର | ଗୋଟେ ଅସହାୟ ଜୀବନର ରାଗିଣୀ ବାଜୁଥିଲା ଅଷ୍ଟମ  ସୁରରେ|



satyabrata nayak is a Geoscientist working in Oil and Gas sector , based in kuala Lumpur.He likes making friends.

MGM MINERALS LTD. WOULD LIKE TO CONGRATULATE THE MALAYSIA ODIA COMMUNITY ON THE LAUNCH OF THE LITERARY MAGAZINE,

Abhipsa



MGM FOR PEOPLE, PROGRESS AND A BETTER TOMORROW



Head Office : MGM Minerals Ltd., 5A Forest Park, Bhubaneswar, Odisha - 751009, India
email : info@mgmmin.in | web : www.mgmm.in

# KALINGA INSTITUTE OF INDUSTRIAL TECHNOLOGY

Deemed to be University U/S 3 of UGC Act, 1956

Bhubaneswar, Odisha, India




KIIT is in the **Top 1%** Private Universities in India

**30000** Students from India & 55 Countries Abroad

Over **25 Years** of History

Global Partnership with **180 Universities** in India & Abroad

Business Incubator **KIIT TBI** Promotes Entrepreneurship Development

**100%** Placement with Hishest CTC of 45 Lakhs

More than 100 Research & Consultancy Projects

**1800** World Class Faculties

301+ The Times Higher Education World University Impact Ranking 2019

Tier 1 Accreditation Washington Accord NBA

8th Among reputed private universities in India

Accredited by IET, UK — IET The Institution of Engineering and Technology

## Undergraduate Programs

B. Tech
B.Sc Nursing
Biotechnology
BA LLB/BBA LLB/B.Sc LLB
Bachelor of Architecture
Bachelor in Film and Television Production
Bachelor of Design
BBA
BCA

## Postgraduate Programs

M. Tech
M.C.A.
Master of Mass Communication
M.Sc.
MBA
LLM
Master of Public Health
Master of Hospital Administration
Ph.D

internationaloffice@kiit.ac.in | +91 9873666072 | Apply Now : www.kiit.ac.in

# SMART GRID

**Be Digitally Ahead With Us**




